visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.312 Bhubaneswar Sunday January 29 2023 | ୨୫ତମ ବର୍ଷ ସଂଖ୍ୟା-୩୧୨ ଭୁବନେଶ୍ୱର, ରବିବାର, ଜାନୁଆରୀ ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବର୍ଷକରେ ବିଜେଡିର ରୋଜଗାର ୩୦୭ କୋଟି: ପଞ୍ଚାୟତ ଓ ପୌର ନିର୍ବାଚନରେ ଖର୍ଚ୍ଚ ୨୩କୋଟି

ଭୁବନେଶ୍ୱର,୨୮।୧(ପି.ଏନ): ରାଜ୍ୟରେ ଦୀର୍ଘ ୨୨ବର୍ଷ ଧରି କ୍ଷମତାରେ ଥିବା ଶାସକ ବିଜେଡି ନିଜର ସବୁ ରେକର୍ଡକୁ ଭାଙ୍ଗି ୨୦୨୧-୨୨ ଆର୍ଥିକ ବର୍ଷରେ ସର୍ବାଧିକ ୩୦୭.୨୮ କୋଟି ଟଙ୍କା ଉପାର୍ଜନ କରିଛି । ଆଉ ସେଥିରୁ ପଂଚାୟତ, ପୌର ଓ ୩ଟି ବିଧାନସଭା ଉପନିର୍ବାଚନ ପାଇଁ ମାତ୍ର ୨୩.୦୪କୋଟି ଟଙ୍କା ବ୍ୟୟ କରିଛି । ୨୦୨୧ ମାର୍ଚ୍ଚ ୩୧ସୁଦ୍ଧା ବିଜେଡି ପାଖରେ ୧୭୧.୪୦କୋଟି ଟଙ୍କା ଥିବାବେଳେ ୨୦୨୨ ମାର୍ଚ୍ଚ ୩୧ବେଳକୁ ତାହା ୨୬୫.୧୩କୋଟି ବୃଦ୍ଧି ପାଇ ମୋଟ ୪୩୬.୫୩ କୋଟି ଟଙ୍କାରେ ପହଂଚ୍ଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୨୧-୨୨ ଆର୍ଥିକ ବର୍ଷରେ ବିଜେଡିକୁ ତିର୍ତ୍ତ ?ାଲ, ବାଲେଶ୍ୱର ଓ ପିପିଲି ବିଧାନସଭା ଉପନିର୍ବାଚନ ସହ ପୌର ଓ ପଂଚାୟତ ନିର୍ବାଚନ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ପରେ ଦଳ ପାଖରେ ୪୩୬.୫୩କୋଟି ଟଙ୍କା ବଳକା ରହିଛି । ବିଜେଡି ନିର୍ବାଚନ ଖର୍ଚ୍ଚ ସହ ଗତ ଆର୍ଥିକ ବର୍ଷରେ ୧୩.୮୪କୋଟି




ଟଙ୍କା ଜମି ଓ ୧.୦୪କୋଟି ଟଙ୍କାର ଗାଡି କ୍ରୟ କରିଥିବା ଜଣାପଡିଛି । ନିର୍ବାଚନ କମିଶନଙ୍କ ପାଖରେ ବିଜେଡି ପକ୍ଷରୁ ଦାଖଲ ହୋଇଥିବା ବାର୍ଷିକ ଅଡିଟ୍ ରିପୋର୍ଟ ଅନୁସାରେ, ବିଜେଡିକୁ କେବଳ ୨୦୨୧-୨୨ ଆର୍ଥିକ ବର୍ଷରେ ନିର୍ବାଚନୀ ଚାନ୍ଦା ୨୯୧ କୋଟି ଟଙ୍କା ମିଳିଥିବାବେଳେ ଅନ୍ୟାନ୍ୟ ସୂତ୍ରରୁ ୧୬.୨୭କୋଟି ଟଙ୍କା ଓ ସଦସ୍ୟତା ଚାନ୍ଦା ୧.୬୦ଲକ୍ଷ ଟଙ୍କା ମିଶାଇ ମୋଟ ୩୦୭.୨୮କୋଟି ଟଙ୍କାର ଉପାର୍ଜନ ହୋଇଛି । ଏହି ୩୦୭ କୋଟି ଟଙ୍କାରୁ ଦଳ ନିର୍ବାଚନ ଖର୍ଚ୍ଚ ବାବଦରେ ୨୩.୦୪କୋଟି ଟଙ୍କା, ଦିଲ୍ଲୀ ଓ ଭୁବନେଶ୍ୱର ଅଫିସ କର୍ମଚାରୀଙ୍କ ଦରମା ପାଇଁ ୭୮.୬୨ଲକ୍ଷ ଟଙ୍କା, ସୋସିଆଲ ମିଡିଆରେ ୩.୮୪କୋଟି ଟଙ୍କା ସହ ମୋଟ ୨୮.୬୩କୋଟି ଟଙ୍କା ଖର୍ଚ୍ଚ କରିଛି । ଦଳ ପିପିଲି ଉପନିର୍ବାଚନରେ ମାତ୍ର ପ୍ରାୟ ୫୯ଲକ୍ଷ ଟଙ୍କା ଏବଂ ତିର୍ତ୍ତ ?ାଲ ଓ ବାଲେଶ୍ୱର ବିଧାନସଭା ଉପନିର୍ବାଚନରେ ୧.୦୩କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ପଂଚାୟତ ନିର୍ବାଚନରେ ୧୩.୨୬କୋଟି ଟଙ୍କା ଓ ପୌର ନିର୍ବାଚନରେ ୮.୮୮କୋଟି ଟଙ୍କା ଖର୍ଚ୍ଚ କରିଛି । ତେବେ ୩ଟି ବିଧାନସଭା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ୧୫ଲକ୍ଷ ଟଙ୍କା ଲେଖାଏଁ ମୋଟ ୪୫ଲକ୍ଷ ଟଙ୍କା ଦେଇଥିବା ବିଜେଡି ଅନ୍ୟ ସମସ୍ତ ଖର୍ଚ୍ଚ (ମୋଟ ୨୩ କୋଟି ଟଙ୍କା) ଦଳର ବିଜ୍ଞାପନ, ପ୍ରଚାରପ୍ରସାର ଓ ର ?ାଲି ଆଦିରେ ଖର୍ଚ୍ଚ କରିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଦଳ ପାଖରେ ନଗଦ ୨୩.୪୭ଲକ୍ଷ ଟଙ୍କା, ବ୍ୟାଙ୍କ ଜମା ଖାତାରେ ୪.୭୨କୋଟି ଟଙ୍କା, ୧୨ମାସରୁ ଅଧିକ ଟର୍ମ ଡିପୋଜିଟରେ ୨୬୫.୫୨କୋଟି ଟଙ୍କା ଏବଂ ୧୨ମାସରୁ କମ୍ ଟର୍ମ ଡିପୋଜିଟରେ ୧୬୬.୦୩କୋଟି ଟଙ୍କା, ସୁଧ ବାବଦରେ ୧୬.୫୬କୋଟି ଟଙ୍କା, ଷ୍ଟକ୍ ମାର୍କେଟରେ ୧.୧୯କୋଟି ଟଙ୍କା ଥିବା ଦର୍ଶାଇଛି । ତେବେ ୨୦୨୧ ମାର୍ଚ୍ଚ ୩୧ସୁଦ୍ଧା ଦଳର ମୋଟ ରାଜସ୍ୱ ୧୯୪.୪୦କୋଟି ଟଙ୍କା ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ୩୧ସୁଦ୍ଧା ଏଥିରେ ୨୭୮.୬୫କୋଟି ଟଙ୍କା ବୃଦ୍ଧି ପାଇ ୪୭୩.୦୬କୋଟି ଟଙ୍କାରେ ପହଂଚିଛି । ତେବେ ବିଜେଡି ୨୦୨୧-୨୨ ଆର୍ଥିକ ବର୍ଷରେ ୨୯୧ କୋଟି ଟଙ୍କାର ଯେଉଁ ନିର୍ବାଚନୀ ଚାନ୍ଦା ପାଇଛି ତାହା କାହାଠୁ ପାଇଛି ସେ ନେଇ ଅଡିଟରେ କୌଣସି ଉଲ୍ଲେଖ ନାହିଁ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଗାମୀ ୩ ମାସରେ ସଂପୂର୍ଣ୍ଣ ହେବ: ମୁଖ୍ୟ ଶାସନ ସଚିବ

ପୁରୀ,୨୮।୧(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ପୁରୀ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିଦେଖିବା ସହ ପରିକ୍ରମା ପ୍ରକଳ୍ପର ଅଗ୍ରଗତି ସଂପର୍କରେ କ୍ଷେତ୍ରୀୟ ସମୀକ୍ଷା କରିଛନ୍ତି । ଫ୍ଲୋରିଂ ଓ ସ୍ଲାବ ନିମନ୍ତେ ଖଣ୍ଡେଲାଇଟ ପଥର ବ୍ୟବହାର କରାଯାଉଛି । ଉଭୟ ଇନର ଓ ଆଉଟର ପରିକ୍ରମା ମାର୍ଗ ଦେଖିବା ସହ ଆସନ୍ତା ତିନି ମାସ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ଶେଷ ପରେ ଏହା ଜନସାଧାରଣ ମାନଙ୍କ ନିମନ୍ତେ ଉର୍ସଗ କରାଯିବ। ସୌନ୍ଦର୍ଯ୍ୟକରଣ ନିମନ୍ତେ ଚାରିପାଖେ ଗଛ ଲଗାଯିବ । ଭକ୍ତମାନଙ୍କ ନିମନ୍ତେ ଶୌଚାଳୟ, ପାନୀୟ ଜଳ, ଧ୍ୟାନ କରିବା ଏବଂ



ଉପବେସନ ନିମନ୍ତେ ସମସ୍ତ ବ୍ୟବସ୍ଥାର ମଧ୍ୟ ଶ୍ରୀ ମହାପାତ୍ର ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଆଗାମୀ ୩ ମାସ ମଧ୍ୟରେ ସଂପୂର୍ଣ୍ଣ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବର୍ତ୍ତମାନ ମେଘନାଦ ପାଚେରୀ ବାହରେ ବିଭିନ୍ନ ସ୍ଥାନରୁ ମନ୍ଦିର ଦର୍ଶନ ରମଣୀୟ ଲାଗୁଥିବାରୁ ପ୍ରକଳ୍ପ ଶେଷ ହେବାପରେ ସୌନ୍ଦର୍ଯ୍ୟ ବହୁଗୁଣିତ ହେବା ସହ ଭକ୍ତମାନେ ସେଠାରେ ବହୁ ସମୟ ଅତିବାହିତ କରିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ଏଥି ସହ ରିଂରୋଡ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ । ଶ୍ରୀସେତୁ ପ୍ରକଳ୍ପର ବହୁସ୍ତରୀୟ ପାର୍କିଂ କାର୍ଯ୍ୟ ଶେଷ ହେବା ପରେ ସେଠାରୁ ବ୍ୟାଟେରି ଚାଳିତ ଗାଡି ମାଧ୍ୟମରେ ଭକ୍ତ ମାନେ ମନ୍ଦିରକୁ ଯିବା ଆସିବାରେ ସୁବିଧା ହେବ ବୋଲି ସେ କହିଥିଲେ। ସର୍ବସାଧାରଣ ଗମନାଗମନ ବ୍ୟାହତ ନହେବା ନିମନ୍ତେ ଷ୍ଟୋନ କ୍ଲାଡିଂ ମାଧ୍ୟମରେ ଟ୍ରାଫିକ ବ୍ୟାରୟର କରାଯିବା ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ।

## ଆଜି ପର୍ଯ୍ୟଟକଙ୍କ ନିମନ୍ତେ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ

ପୁରୀ, ୨୮।୧(ପି.ଏନ): ପବିତ୍ର ମାଘ ସପ୍ତମୀ ଉପଲକ୍ଷେ ଆଜି ପର୍ଯ୍ୟଟକ ଓ ଭକ୍ତଙ୍କ ନିମନ୍ତେ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ କରାଯାଇଛି । ଏହି ବିଶେଷ ତିଥିରେ ଚନ୍ଦ୍ରଭାଗା ଓ କୋଣାର୍କରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଏହାକୁ ଦୃଷ୍ଟିରେ ରଖି କୋଣାର୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗତକାଲି ଓ ଆଜି (ମାଘ ଷଷ୍ଠି, ସପ୍ତମୀ) ଏହି ଦୁଇଦିନ ପାଇଁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ କରାଯାଇଛି । ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଭୁବନେଶ୍ୱର ଠାରେ ମହିମା ସମାଜର 'ସନ୍ଥ ସମାବେଶ'ରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୮।୧(ପି.ଏନ): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଛତିଶଗଡରେ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରେ ଏଣିକି କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମଭୋଇ ଚେୟାର ପ୍ରତିଷ୍ଠା ହେବ ବୋଲି ଶନିବାର ଭୁବନେଶ୍ୱର ଠାରେ "ବିଶ୍ୱପ୍ରସିଦ୍ଧ ମହିମା ଧର୍ମ ଗବେଷଣା ପରିଷଦ ଚାରିଟେବୁଲ ଟ୍ରଷ୍ଟ" ଦ୍ୱାରା ଆୟୋଜିତ 'ସନ୍ଥ ସମାବେଶ'ରେ ଯୋଗ ଦେଇ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାଘ ସପ୍ତମୀ ମହାମେଳା ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସନ୍ଥକବି ଭୀମ ଭୋଇ ମଣ୍ଡପ ଓ ପାଠାଗାରର ଶୁଭ ଉଦଘାଟନ କରିଥିଲେ । ମହିମା ଧର୍ମରେ ଦର୍ଶନ ଅଛି ଏବଂ ଗବେଷଣାର ଆବଶ୍ୟକତା ରହିଛି । ମହିମା ଧର୍ମ ଓ ବିଚାର ଉପରେ ଅଧିକ ଗବେଷଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ତଥା ଛତିଶଗଡ଼ ବିଳାସପୁର ସ୍ଥିତ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଚେୟାର ପ୍ରତିଷ୍ଠା କରିଛନ୍ତି । ଏହାର ଗବେଷଣା କାମ ମଧ୍ୟ ଆରମ୍ଭ ହୋଇସାରିଛି । ଆଗକୁ ୟୁଜିସିର ଅନୁମତି କ୍ରମେ ଓଡ଼ିଶାରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏକ ଚେୟାର ପ୍ରତିଷ୍ଠା ହେବ । ସେ କହିଛନ୍ତି ଯେ ମହିମା ଗୋସାଇଁ ଓ ଭୀମଭୋଇ ଯୁଗଦ୍ରଷ୍ଟା ଥିଲେ । ପାଖାପାଖି ୨୦୦ ବର୍ଷ ତଳେ ମହିମା ଗୋସାଇଁ ଭବିଷ୍ୟତକୁ ଦେଖିପାରିଥିଲେ । କୌଣସି ନିର୍ଦ୍ଦିଷ୍ଟ ସମୁଦାୟ ପ୍ରତି ହିଂସା କରି ନୁହେଁ ବରଂ ସମସ୍ତ ସମୁଦାୟଙ୍କୁ ସାଥିରେ ନେଇ ସମାଜରେ ସମାନତା ଓ ଏକତା ପ୍ରତିଷ୍ଠା କରିବାର ମାର୍ଗ ଦେଖାଇଛନ୍ତି। ମହିମା ଗୋସାଇଁଙ୍କ ବାର୍ତ୍ତା, ସନ୍ଥ କବି ଭୀମ ଭୋଇଙ୍କ ମହିମା ଧର୍ମର ମହାନ ବାର୍ତ୍ତାର ପ୍ରଚାର ଯୋଗୁଁ ବିଶେଷତଃ ଗରିବ ଶ୍ରେଣୀ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନେ ଏହି ଆଧ୍ୟାତ୍ମିକ ଦୁନିଆ, ପରମ୍ପରା ତଥା ବ୍ୟବସ୍ଥା ସହ ଯୋଡ଼ି ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ହେଉଛି ମହିମା ଧର୍ମର ବିଚାର । ଭୀମ ଭୋଇଙ୍କ ରଚନାରେ ସମବେଦନା, ବିଚାରଧାରା ଏବଂ ସାମାଜିକ ଉତ୍ତର ଦାୟିତ୍ୱ ଅଛି ତାହାର ପ୍ରତିଫଳନ ସବକା ସାଥ- ସବକା ବିକାଶରେ ଅନ୍ତର୍ନିହିତ । "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ"; ଏହା ହେଉଛି ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇଙ୍କ କାଳଜୟୀ ବିଚାର, ଯାହା ଆଜି ସାରା ବିଶ୍ୱକୁ ଦିଗଦର୍ଶନ ଦେଉଛି । ଭୀମଭୋଇ କେବଳ ମହିମାପନ୍ଥୀଙ୍କ ଭିତରେ ସୀମିତ ନୁହଁନ୍ତି । ଜଣେ ସମାଜବାଦୀ, ସମ୍ବେଦନଶୀଳ, ମାନବବାଦୀ କବି ଭାବେ ସେ ସାରା ଓଡ଼ିଶାବାସୀଙ୍କର ଗର୍ବ ଓ ଗୌରବ ଅଟନ୍ତି । ଶୂନ୍ୟ-ଅଲେଖ ମାହାତ୍ମ୍ୟ ତଥା ମହିମା ବିଚାର ଦର୍ଶନର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଏବଂ ମହିମା ସାହିତ୍ୟର କଳେବର ବୃଦ୍ଧି ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଫେବୃୟାରୀ ୧୧ରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୮।୧(ପି.ଏନ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃୟାରୀ ମାସ ୧୧ ତାରିଖ ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଖୋର୍ଦ୍ଧା-ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଏହି ଲୋକ ଅଦାଲତରେ ରଫା ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ଗାଡି-ମୋଟର ଦୁର୍ଘଟଣାଜନିତ ମାମଲା, ଶ୍ରମ ବିବାଦ, ଜନ ଉପଯୋଗୀ ମାମଲା, ବିଦ୍ୟୁତ୍, ପାନୀୟଜଳ, ବୈବାହିକ, ଜମିଅଧିଗ୍ରହଣ, ପେନସନ୍ ଓ ନିଯୁକ୍ତି, ରାଜସ୍ୱ ମାମଲା, ଟେଲିଫୋନ୍ ଦେୟ ଅନାଦେୟ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ଖାଉଟି ସୁରକ୍ଷା ମାମଲାମାନ ଆପୋଷ ବୁଝାମଣା ଜରିଆରେ ସଂପୃକ୍ତ ବିଭାଗୀୟ ଅଦାଲତ ମାନଙ୍କରେ ଫଇସଲା କରାଯିବ ବୋଲି ସଚିବ ଶ୍ରୀମତୀ ସୌଦାମିନି ସିଂ ପ୍ରକାଶ କରିଛନ୍ତି।

## ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ପୁରୀ, ୨୮।୧(ପି.ଏନ): ଆଜି ପବିତ୍ର ମାଘ ସପ୍ତମୀରେ ଅର୍କକ୍ଷେତ୍ରର ଚନ୍ଦ୍ରଭାଗାରେ ବୁଡ଼ ପକାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ମାଘମେଳା ପାଇଁ ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । କଡ଼ା ସୁରକ୍ଷା ମଧ୍ୟରେ ତିନି ଠାକୁର ଯଥା ମହାପ୍ରଭୁ ତ୍ରିବେଣୀଶ୍ୱର, ଐଶାନେଶ୍ୱର, ଦକ୍ଷିଣେଶ୍ୱର ପାରମ୍ପରିକ ଶୋଭାଯାତ୍ରାରେ ଆସି ଚନ୍ଦ୍ରଭାଗା ତୀର୍ଥ ପୂଜା ମଣ୍ଡପରେ ପହଂଚିବା ପରେ ଭୋର୍ ୪ଟା ୩୦ ରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ମହାସ୍ନାନ କରାଯାଇଛି । ଠାକୁର ମାନଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇଛନ୍ତି । ଏହି ଅବସରରେ ସାଧୁସନ୍ଥଙ୍କ ଦ୍ୱାରା ତୀର୍ଥ ପୁଷ୍କରିଣୀରେ ଆଳତୀ କରାଯାଇଥିଲା । ନିଜ ପରିବାରକୁ ରୋଗ, ଶୋକ, ଭୟରୁ ମୁକ୍ତ ରଖିବାକୁ ହିନ୍ଦୁ ଧର୍ମାବଲମ୍ବୀ ମାନେ ଏହି ପବିତ୍ର ଦିନରେ ବୁଡ଼ ପକାଇ ସୂର୍ଯ୍ୟ ଦର୍ଶନ କରିଥାନ୍ତି । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସେଠାରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇବା ପରେ ପୁରୀ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ କାରାଦଣ୍ଡ ଦେଲେ ଅଦାଲତ

କଟକ ,୨୮।୧(ପି.ଏନ): ଦୁଇ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ ଦେଲେ କୋର୍ଟ। କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଏପରି ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ପରିଚୟ ବ୍ରଜ କିଶୋର ଶତପଥି ଓ ନିମାଇଁ ମଣ୍ଡଳ। ସେମାନଙ୍କୁ ପୋକ୍ସୋ ଅଦାଲତ ଶନିବାର ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମାନା ମଧ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।ଯଦି ଜୋରିମାନା ଅନାଦେୟ ହୁଏ ଅଧିକ ୬ ମାସ ଜେଲ୍ ? ଦଣ୍ଡ ବଢ଼ିବ ବୋଲି ବିଚାରପତି ଘୋଷଣା କରିଛନ୍ତି। ଏହା ସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତି ପୂରଣ




ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁସାରେ, ୨୦୧୯ରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଏହି ଦୁଷ୍କର୍ମ ଅଭିଯୋଗ ଘଟିଥିଲା। ସ୍ଥାନୀୟ ଜଣେ ପାନ ଦୋକାନୀ ଓ ଜଣେ ପୂଜକ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ପୀଡ଼ିତାଙ୍କ ମାଆ ମହିଳା ଥାନାରେ ଏତଲା ଦେଇଥିଲେ। ୧୮ ଜଣ ସାକ୍ଷ୍ୟ ଏବଂ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ରାଷ୍ଟ୍ରପତିଙ୍କର ଆଟ ହୋମ ବନ୍ଧୁ ମିଳନରେ ଓଡ଼ିଆ ଅତିଥି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୧(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଟ ହୋମ ବନ୍ଧୁ ମିଳନ ମହାସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଏହି ଭବ୍ୟ ଆସରରେ ବହୁ ମାନ୍ୟଗଣ୍ୟ ଓଡ଼ିଆ ଅତିଥି ଯୋଗ ଦେଇଥିଲେ। ସେଥି ମଧ୍ୟରେ କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଭାରତର କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ୍ ଗିରିଶ ଚନ୍ଦ୍ର ମୁର୍ମୁ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ରାଷ୍ଟ୍ରପତିଙ୍କ ପ୍ରେସ ଅତିରିକ୍ତ ସଚିବ ବିଜୟ ନାୟକ,ରାଜ୍ୟସଭା ସାଂସଦ ସୋନାଲ ମାନସିଂହ, ବରିଷ୍ଠ ପ୍ରଶାସକ ସନ୍ଦୀପ ନାୟକ, ଏସ.ଏନ. ତ୍ରିପାଠୀ, ଶ୍ରୀମତୀ ସୁମିତ୍ରା ତ୍ରିପାଠୀ, ଓଡିଶୀ ନୃତ୍ୟାଙ୍ଗନା ଅଲ୍ପନା ନାୟକ, ରାଷ୍ଟ୍ରପତି ଭବନର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଜ୍ଞାନ ରଂଜନ ନନ୍ଦ, ଶ୍ରୀମତୀ ଜୟଶ୍ରୀ ନନ୍ଦ, ଗ୍ରୁପ କ୍ୟାପଟେନ ଦୀପକ କୁମାର ପୃଷ୍ଟି ଓ ଶ୍ରୀମତୀ ଜ୍ୟୋତ୍ସ୍ନା ପୃଷ୍ଟି, ଅନ୍ତର୍ଭୁକ୍ତ ଥିଲେ।ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି



ବିଶେଷଙ୍କ ମଧ୍ୟରେ ଓ୍ୱାଲର୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ମହିଳା ଶାଖାର ଉପସଭାପତି ଓ ସାମ୍ବାଦିକ ରୀତା ପାତ୍ର, ଉଦୟ ଇଣ୍ଡିଆର ମୁଖ୍ୟ ସମ୍ପାଦକ ଦୀପକ ରଥ, ଓଟିଭିର ଦିଲ୍ଲୀ ବ୍ୟୁରୋ ମୁଖ୍ୟ ଶିବାନନ୍ଦ ରାଉତ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ନିଗମାନନ୍ଦ ପୃଷ୍ଟି, ଛାୟାକାନ୍ତ ନାୟକ, ବିଭୁଦତ୍ତ ପ୍ରଧାନ, ସବନମ ଆଦେନୀ, ଜୟ ପ୍ରକାଶ ପାଣ୍ଡେ, ରଶ୍ମି ରଂଜନ ପରିଡ଼ା, ଗଗନ ବିଶ୍ୱାଳ, ଲିପିକା ମହନ୍ତ, ସନ୍ତୋଷ ପ୍ରଧାନ ଓ ରମେଶ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଗନ୍ତୁକମାନଙ୍କୁ ବ୍ୟକ୍ତିଗତ ଭାବେ ଶଙ୍ଖୁଳି ଥିଲେ। ସାମ୍ବାଦିକମାନଙ୍କର ଜୟଜଗନ୍ନାଥ ଧ୍ୱନିର ଉତ୍ତର ଦେଇ ସେ ବି ଜୟ ଜଗନ୍ନାଥ ଉଚ୍ଚାରଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସାମ୍ବାଦିକମାନଙ୍କର ଜୟ ଜଗନ୍ନାଥ ଧ୍ୱନି ସହିତ ସ୍ୱାଗତ ସମ୍ଭାଷଣକୁ ଆଦରରେ ଗ୍ରହଣ କରିଥିଲେ। ଅତିଥିମାନଙ୍କ ପାଇଁ ରାଷ୍ଟ୍ରପତି ଭବନର ପାକଶାଳରେ ପ୍ରସ୍ତୁତ ସ୍ୱାଦିଷ୍ଟ ବ୍ୟଞ୍ଜନ ଯଥା ବାଜରା କଚୋଡି, ନିରାମିଷ ପଫ୍, ପରିବା ପକୁଡ଼ି, ଗୁଲାବ ଗୁଲଖଣ୍ଡ ଲଡୁ, ନିରାମିଶ ପେଷ୍ଟ୍ରି, ନିରାମିଷ ବିରିୟାନି ଅନର୍ଚନି, ଚା ଓ କଫି ଆଦି ପରଶା ଯାଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା : ଗାଁ ଗହଳିରେ ତେଜୁଛି ରାଜନୀତି ଅନଲାଇନରେ ଚାଲିଛି ମିଛ ଅଭିଯୋଗ

ରଣପୁର, ନୟାଗଡ଼, ୨୮।୧(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲିଷ୍ଟ ପ୍ରତି ପଞ୍ଚାୟତରେ ପ୍ରକାଶ ପାଇବା ପରେ ଚଳ ଚଞ୍ଚଳ ହୋଇ ଉଠିଛି ରାଜ୍ୟ ରାଜନୀତି । ଯେଉଁଥିପାଇଁ ରଣପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ଏକ ବିରାଟ ଗଣଧାରଣା ଦିଆଯାଇଥିଲା। ଏହି ଆବାସ କଳି ପାଇଁ ଗାଁ ଠାରୁ ଆରମ୍ଭ କରି ପ୍ରତି ପଞ୍ଚାୟତ ବ୍ଲକ ମାନଙ୍କରେ ତେଜୁଛି ହିଂସାତ୍ମକ ରାଜନୀତି। କିଛି ଦିନ ତଳେ ପ୍ରତି ପଞ୍ଚାୟତରେ ପ୍ରକାଶ ପାଇଥିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲିଷ୍ଟ। ସରକାରୀ ନିୟମ ଅନୁସାରେ ପାଇଥିବା ଯୋଗ୍ୟ ହିତାଧିକାରୀ ମାନେ ଏବେ ରାଜନୀତିର ଶିକାର ହେଉଥିବା ରଣପୁର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ରୁ ଅଭିଯୋଗ ହେଉଛି। ସୂଚନା ମୁତାବକ ଗଡବାଣିକିଲୋ ଗ୍ରାମ ପଞ୍ଚାୟତର ପବିତ୍ର ମୋହନ ପରିଡା,ନାରଣ ବେହେରା, ରାମଚନ୍ଦ୍ର ପରିଡ଼ା, ଗଣେଶ ଚନ୍ଦ୍ର ପରିଡା,ଦିବାକର ପରିଡ଼ା, ରତ୍ନାକର ପରିଡ଼ା ,ସୁକାନ୍ତ ଚନ୍ଦ୍ର ପାଇକରାୟ ଇତ୍ୟାଦି ଅନେକ ଙ୍କ ନାମରେ ଅନଲାଇନ ମାଧ୍ୟମ ରେ ହିତାଧିକାରୀ ଙ୍କ ଯାନ ବାହାନ ଜମି ଜମା ସରକାରୀ ଚାକିରୀ ଇତ୍ୟାଦି ଅଛି କହି,, ନାମ କାଟିବା ପାଇଁ କିଛି ଅସାଧୁ ବ୍ୟକ୍ତି ମିଛ ଅଭିଯୋଗ କରୁଥିବାବେଳେ ,, ଏଠିସାଧାରଣରେ ପ୍ରଶ୍ନ ଉଠିଛି ସରକାରୀ ବାବୁ ମାନଙ୍କ ଦ୍ୱାରା ଦୁଇଦୁଇଥର ତଦନ୍ତ କରାଯାଇ ପ୍ରକାଶିତ ହୋଇଥିବା ହିତାଧିକାରୀଙ୍କ ନାମ ଆଉ କେତେଥର ତଦନ୍ତର ପରିସରଭୁକ୍ତ ହେବ ? ତଦନ୍ତ କରୁଥିବା ପ୍ରଶାସନିକ ଅଧିକାରୀ ମାନେ ସେତେବେଳେ କ'ଣ ଭୁଲ୍ ତଥ୍ୟ ଦେଇଥିଲେ ? ଏବେ ତଦନ୍ତ କରୁଥିବା ପ୍ରଶାସନିକ ଅଧିକାରୀ ମାନେ କ'ଣ ସଠିକ୍ ରିପୋର୍ଟ ପ୍ରଦାନ କରିବେ ? ସେହିଭଳି ଲୋଧାଚୁଆ ଗ୍ରାମ ପଞ୍ଚାୟତ ର ପ୍ରକାଶିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ସ୍ଥାନ ପାଇଥିବା କ୍ରମିକ ସଂଖ୍ୟା ୩୧ ନମ୍ବରର ହିତାଧିକାରୀ ଅଭିରାମ ସ୍ୱାଇଁ ଙ୍କ ପୁତ୍ର କୃଷ୍ଣ ଚନ୍ଦ୍ର ସ୍ୱାଇଁ ଙ୍କ ବିରୋଧରେ ଏକ ମିଥ୍ୟା ଅଭିଯୋଗ ପାଇ ବ୍ଲକର ଏକ ତଦନ୍ତକାରୀ ଦଳଙ୍କ ଦାୟୀତ୍ୱହୀନ ତଦନ୍ତରେ ହିତାଧିକାରୀ ବାଦ ପଡିବାରୁ ଏହାର ପୁନଃ ତଦନ୍ତ ମୁକ୍ତ ହେବା ପରେ ରଣପୁର ବ୍ଲକ ଅଫିସିରେ ଚାଲିଥିବା ଆମରଣ ଅନଶନ ଆଜି ପ୍ରତ୍ୟାହୃତ ହୋଇଛି ।ଅନଶନ କାରୀଙ୍କ ଦାବିକୁ ସ୍ଥାନୀୟ ପ୍ରଶାସନ ଗ୍ରହଣ କରି ଜିଲ୍ଲାପାଳ ଙ୍କ ହସ୍ତକ୍ଷେପ ଲୋଡିବାରେ ଆଜି ଜିଲ୍ଲାପାଳ ଏକ ୪ଜଣିଆ ଜିଲ୍ଲା ସ୍ତରୀୟ ଟିମି ଜରିଆରେ ଆନ୍ଦୋଳନ କାରିଙ୍କ ଘର ପ୍ରତ୍ୟକ୍ଷ ତଦନ୍ତ କରିବା ସହ ଅନଶନ କାରି କୃଷ୍ଣ ଚନ୍ଦ୍ର ସ୍ୱାଇଁ ଙ୍କୁ ବୁଝା ସୁଝା କରି ଦୁଇଦିନ ହେବ ଆମରଣ ଅନସନର ଅନ୍ତ ଘଟିଛି। ଏଥିପାଇଁ ସ୍ଥାନୀୟ ତାହସିଲ ଦାର ଶ୍ରୀଯୁକ୍ତ ପ୍ରଭାକର ପଣ୍ଡା , ବି ଡି ଓ ଜ୍ୟୋତି ପ୍ରକାଶ ସେଠୀ, ଓ ନୟାଗଡ଼ ଜିଲ୍ଲାପାଳଙ୍କୁ ଆନ୍ଦୋଳନ କାରୀଙ୍କ ପରିବାର ତରଫରୁ ଧନ୍ୟବାଦ ଦେଇଛନ୍ତି ।ଏହି ଆନ୍ଦୋଳନକୁ ବିଭିନ୍ନ ଦଳ ସ୍ତରରୁ ସମର୍ଥନ ମିଳିବା ସହ କଂଗ୍ରେସ,ସି ପି ଆଇ (ଏମ) ର ନେତୃତ୍ୱ ମାନେ ସାମିଲି ଥିଲେ। ସାଧାରଣ ଗରୀବ ବାସହୀନ ପରିବାରକୁ ଯୋଗ୍ୟଭାବେ ଗ୍ରହଣ କରି ସମସ୍ତଙ୍କୁ ବାସ ଗୃହ ଯୋଗାଇ ଦେବାକୁ ଦାବୀ କରାଯାଇଛି।

## ପଂଚବଟି କାରଖାନାର କଳା ଧୂଆଁରେ ପରିବେଶ ହେଉଛି ପ୍ରଦୂଷଣ : ଆଂଚଳିକ ପ୍ରଦୂଷଣ ବିଭାଗ ପାଲଟିଛି ନିରବଦ୍ରଷ୍ଟା

ବଲାଣି, ୨୮।୧(ପି.ଏନ): ବଲାଣି ଥାନା ଅନ୍ତର୍ଗତ ବଡ଼ବିଲ ପୌରାଂଚଳର ମାଟକାମବେଡ଼ା ଶିଳ୍ପାଂଚଳ ସ୍ଥିତ ପଂଚବଟି ଷ୍ଟିଲ ଏଲଏଲପି ସ୍ପଞ୍ଜ କାରଖାନାର କଳା ଧୂଆଁରେ ଅଂଚଳବାସୀ ଅତିଷ୍ଠ ହୋଇ ପଡିଲେଣି। କାରଖାନା କର୍ତ୍ତୃପକ୍ଷ ପ୍ରଦୂଷଣ ବିଭାଗର ନିୟମକୁ ପାଳନ କରୁନଥିବାରୁ କାରଖାନାରୁ କଳାଧୂଆଁ ନିର୍ଗତ ହୋଇ ସ୍ଥାନୀୟ ଅଂଚଳର ପରିବେଶକୁ ନଷ୍ଟ କରୁଛି। କାରଖାନାର ଚମିନିରୁ କଳାଧୂଆଁ ନିର୍ଗତ ହୋଇ କାରଖାନାର ପାଚେରୀକୁ ଲାଗି ରହିଥିବା ଜନବସତି ମନ୍ଦିର ହଟିଂର ପରିବେଶ ବିଷମୟ କରୁଥିବାବେଳେ ପାଖରେ ଥିବା ଜନବସତି ଯଥା ଉର୍ବୀ ଛକ, ଚମ୍ପୁଆ ବସ୍ତି, ବରପଦା ଛକ, ଚଟେଇ ହଟିଂ, ବାଲାଗୋଡ଼ା ବସ୍ତି, ବଲାଣି ବସ୍ତି ସମେତ କାରଖାନାର ଅତି ନିକଟରେ ଥିବା ଚିରସ୍ରୋତା କାରୋ ନଦୀକୁ ବହୁଳ ମାତ୍ରାରେ ପ୍ରଦୂଷିତ କରୁଛି। ପ୍ରଦୂଷଣ ମାତ୍ରା ଏତେ ଅଧିକ ହୋଇଛି ଯେ ବଡ଼ବିଲ- ବଲାଣି ମୁଖ୍ୟରାସ୍ତା ଅତି କ୍ଷତିକାରକ କଳାଧୂଆଁ ଓ ଏଥିରେ ଥିବା ଛୋଟ ଛୋଟ କଣିକାରେ ଆଚ୍ଛାଦିତ ହୋଇପଡୁଛି । ଘରଗୁଡ଼ିକରେ ଏକ ମୋଟା କଳା ଆବରଣ ଜମା ହେବା ସହିତ ସ୍ଥାନୀୟ ଅଂଚଳରେ ଥିବା ସବୁଜ ଗଛଗୁଡ଼ିକ କଳା ରଙ୍ଗରେ ପରିବର୍ତ୍ତିତ ହୋଇପଡିଛି। ଭାତ ଖାଇଲାବେଳକୁ ଭାତ ଥାଳିରେ କଳା କ୍ଷୁଦ୍ରକଣିକା ମିଳିବା ସହିତ ପିଇବାକୁ ରଖିଥିବା ପାଣିରେ ଏହି ବିଷାକ୍ତ କ୍ଷୁଦ୍ରକଣିକା ଦେଖିବାକୁ ମିଳୁଛି। ତେବେ ଆଂଚଳିକ ପରିବେଶ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କ କାରଖାନା ପ୍ରତି ଅହେତୁକ କୋମଳଦ୍ୱା ଯୋଗୁଁ ଲୋକେ ବିଷମୟ ପରିବେଶରେ ରହିବାକୁ ବାଧ୍ୟ ହେଉଛନ୍ତି ବୋଲି ସ୍ଥାନୀୟ ଅଂଚଳବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ହେବା ପରେ ଓ ସ୍ଥାନୀୟ ଅଂଚଳର ବିଭିନ୍ନ ବ୍ୟକ୍ତି ବିଶେଷ ଟ୍ୱିଟର ମାଧ୍ୟମରେ ରାଜ୍ୟ ଓ ଆଂଚଳିକ ପ୍ରଦୂଷଣ ବିଭାଗର ଧ୍ୟାନ ଆକର୍ଷଣ କରୁଥିଲେ ସୁଦ୍ଧା ପରିବେଶ ବିଭାଗ ନିରବଦ୍ରଷ୍ଟା ପାଲଟିଛି। ଏ ନେଇ ଆଂଚଳିକ ପ୍ରଦୂଷଣ କାର୍ଯ୍ୟାଳୟର କାର୍ଯ୍ୟକାରିତା ଉପରେ ସ୍ଥାନୀୟ ଲୋକେ ଆସ୍ଥା ହରାଇ ବସିଥିବାବେଳେ ଆଂଚଳିକ କାର୍ଯ୍ୟାଳୟର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ତେବେ ଏହି ବିଷବଳୟରୁ ସ୍ଥାନୀୟ ଅଧିବାସୀଙ୍କୁ ମୁକ୍ତି ଦେବାକୁ ପରିବେଶ ବିଭାଗ ଉକ୍ତ କାରଖାନା ପରିବେଶ ସୁରକ୍ଷା ପାଇଁ ପରିବେଶ ବିଭାଗର ଥିବା ନୀତି ନିୟମକୁ ପାଳନ କରୁଛି କି ନାହିଁ, ତାହା ଯାଂଚ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଲାଣି ବିକାଶ ପରିଷଦର ସଦସ୍ୟ ଅଜୟ କୁମାର ମହାନ୍ତି ଦୃଢ଼ ଦାବି କରିଛନ୍ତି।

## ଖଣ୍ଡଗିରି ପୋଲିସକୁ ସଫଳତା, ପାଞ୍ଚ ପେଷାଦାର ଅପରାଧୀ ଗିରଫ

ଭୁବନେଶ୍ୱର,୨୮।୧(ପି.ଏନ): ଖଣ୍ଡଗିରି ପୋଲିସକୁ ସଫଳତା। ମେଳା ପୂର୍ବରୁ ପଣ୍ଡ ହୋଇଛି ଡକାୟତି ଯୋଜନା । ୫ ପେସାଦାର ଅପରାଧୀ ଗିରଫ ହେବା ସହ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରିଛି ପୋଲିସ ।ଖଣ୍ଡଗିରି ପୋଲିସ ରାତିରେ ପେଟ୍ରୋଲିଂ କରିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଏହାସହ ସେମାନଙ୍କ ନିକଟରୁ ଖଣ୍ଡା ମୋବାଇଲ ସହ ଦୁଇ ବାଇକ ଜବତ ହୋଇଛି । ଲଙ୍କା ଗୁଣ୍ଡ ସହ ୭ ଚୋରୀ ମୋବାଇଲ ବି ଉଦ୍ଧାର ହୋଇଛି ।ଅଭିଯୁକ୍ତଙ୍କ ନାମ ଦେବଜ୍ୟୋତି



ନାୟକ, ଅମିତ କୁମାର ନାୟକ, ରଞ୍ଜନ କୁମାର ନାୟକ, ରାଜା ନାୟକ, ସେକ ସତର ଅମିତ ନାରେ ରହିଛି ବିଭିନ୍ନ ଥାନାରେ ୧୦ ମାମଲା ।







# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଊନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୨୯

# ବଢୁଛି ହାଇପୋର୍ଥେମିଆ


ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଜ୍ଞତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଷ୍ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ। ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ। ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ୍ୟ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ୍ୟ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।

*ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର,*
*ଦୂରଭାଷ : ୮୨୮୦୧୨୭୯୧୦*

# ପୂଜା-(୨)


ପଙ୍କଜ କୁମାର ପାଣିଗ୍ରାହୀ

କହିବାକୁ ଗଲେ ପୂଜା କରାଯିବା କେତେକ ମାନ୍ୟତା ମଧ୍ୟରେ, ଏହି ଜନ୍ମରେ ସୁଖ ଶାନ୍ତିରେ ରହିବା, ଅଧିକ ଧନପ୍ରାପ୍ତି କରିବା, ଶାରୀରିକ କ୍ଲେଶରୁ ନିଜକୁ ମୁକ୍ତ ରଖିବା, ସାମାଜିକ, ପ୍ରାକୃତିକ ଭୟାବହତାକୁ ଦୂର କରିବା, ଅଧିକ କ୍ଷମତା ପ୍ରାପ୍ତି ହେବା ତଥା ମୃତ୍ୟୁ ପରେ ଉତ୍ତମ ଜନ୍ମ ପାଇବା କିମ୍ବା ନିର୍ବାଣ ପ୍ରାପ୍ତି ହେବା ଭଳି ଆହୁରି ଅନେକ ଆଶା ନେଇ ମଣିଷ ଏହି ଚିରାଚରିତ ପୂଜା ବିଧିକୁ ଗ୍ରହଣ କରୁଥିବା କେହି ଅସ୍ୱୀକାର କରି ପାରିବେ ନାହିଁ । ଯେଉଁମାନେ ଏହି ପୂଜା ବିଧିରେ ନିମଗ୍ନ, ନିପୁଣ ରହିଛନ୍ତି ସେମାନଙ୍କ ମାନ୍ୟତା ରହିଛି ଯେ ସର୍ବଶକ୍ତିମୟ ଭଗବାନଙ୍କ କୌଣସି ଏକ ସ୍ୱରୂପ ସେମାନଙ୍କ ମନସ୍କାମନାକୁ ପୂରଣ କରି ଯାହା ଇଚ୍ଛା ତାହା ପ୍ରଦାନ କରିବେ ସେମାନଙ୍କୁ ଯାହା କେବଳ ସମ୍ଭବ ହୋଇ ପାରିବ ଏହି ପୂଜା ମାଧ୍ୟମରେ। ଅଧିକନ୍ତୁ ଆହୁରି କେତେକ ସମୟରେ ସେମାନେ ପୂଜାର ଅନ୍ୟାନ୍ୟ କଠୋର ବିଚ୍ଛନ୍ନ ସଦୃଶ୍ୟ, ଦାନ-ଧର୍ମ, ହୋମ-କର୍ମ, ଜାନି-ଯାତ୍ରା, ଇତ୍ୟାଦି ଅନେକ ବ୍ୟାପକ କର୍ମ ମଧ୍ୟ କରିଥା'ନ୍ତି ବ୍ୟକ୍ତିଗତ ବିଚାରଧାରା କିମ୍ବା ପାରିପାର୍ଶ୍ୱିକ ପୁରୋହିତଙ୍କୁ ଗ୍ରହଣ କରି । ବଡ ଆଶ୍ଚର୍ଯ୍ୟର କଥା ଯେ ସେମାନେ ଏସବୁ କରିବା ପରେ କୌଣସି ସ୍ଥିତିରେ ପରିବର୍ତ୍ତନ ନହେଲେ ମଧ୍ୟ ଭବିଷ୍ୟତରେ କେବେ ଅଜାଣତରେ ତାହାର ଫଳ ମିଳିବ ବୋଲି ଆଶା ରଖି ଅତ୍ୟନ୍ତ ଦୃଢୋକ୍ତି ପ୍ରକାଶ କରିଥା'ନ୍ତି ସେଗୁଡିକର ଫଳାଫଳ ଉପରେ । ଏମିତିକି ସେସବୁ କରିବା ପରେ ହୁଏତ ସେମାନଙ୍କ କିଛି ମାନସିକ ଦୃଢ଼ତା ସୃଷ୍ଟି ହୋଇଥାଏ ବୋଧେ ଯାହା ତାଙ୍କୁ ଏମିତି ଏକ ସ୍ତରକୁ ଟାଣି ନେଇ ଆସେ ଯେ କୌଣସି ସମୟରେ ତାହା ବିଚ୍ଛେଦ ସ୍ୱୀକାରୋକ୍ତି ଗ୍ରହଣ କରିବାକୁ ଇଚ୍ଛା କରନ୍ତି ନାହିଁ । ଆଉ ଅତ୍ୟଧିକ ସମୟ ଅତିବାହିତ ହେବା ପରେ ଯଦି କୌଣସି ସାମାଜିକ ସଂଯୋଗ କାରଣରୁ କିଛି ପ୍ରାପ୍ତି ହୋଇଯାଏ ତାହେଲେ ସେମାନଙ୍କ ଦ୍ୱାରା କରାଯାଉଥିବା / କରାଯାଇଥିବା ଏହି ପୂଜା ସହିତ ଯୋଡ଼ିଦେଇ ତାହାର ପରିଣାମ ସ୍ୱରୂପ ଗ୍ରହଣ / ପ୍ରକାଶ କରିବାକୁ ଆଦୌ ଶଙ୍କା ଅନୁଭବ କରିନଥା'ନ୍ତି । ଯଦି ଜଣେ ମଣିଷ ଜୀବନରେ ଦୀର୍ଘ ସମୟ ଧରି ପୂଜା କରି କରି କୌଣସି ଫଳ ପ୍ରାପ୍ତି ନହୁଏ ତାହାଲେ ସେସବୁର ପରିଣାମ, ଫଳ ପର ଜନ୍ମରେ ପାଇବା ଆଶା ରଖି ମଧ୍ୟ ପୂଜା କରୁଥିବା ନିର୍ବୋଧଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଦେଖିବାକୁ ମିଳେ ଆମ ସମାଜରେ । ହେଲେ ସେମାନଙ୍କ ମନ ମାନସରେ ଏସବୁ ଏଗୁଡିକ ବିଚାରଧାରା ଭାବରେ ପ୍ରଚଳିତ ହୋଇ ଆସୁଥିବା କାରଣରୁ ପୂଜାକୁ ପରିଭାଷିତ କରୁଥିବା ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀ ସମାଜରେ ରୋଜଗାର ପାଇବା ତଥା ନିର୍ବୋଧଙ୍କୁ ପ୍ରତାରିତ କରି ବ୍ୟାପକ ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର କରୁଥିବା ଉଦାହରଣ ମଧ୍ୟ କିଛି କମ୍ ମିଳିବ ନାହିଁ ଅନୁଧ୍ୟାନ କଲେ । ଅନୁରୂପ ଆରାଧନା ମଧ୍ୟ ଏହି ପୂଜାର ଏକ ପ୍ରତିବିମ୍ବ ସ୍ୱରୂପ ବିଷୟ । କେବଳ ରାସ୍ତା ଭିନ୍ନ ଏବଂ ଫଳ ପ୍ରାପ୍ତିର ଭିନ୍ନତା କାରଣରୁ ଆବଶ୍ୟକ ସ୍ଥଳେ ତାକୁ ବିନିଯୋଗ କରିଥା'ନ୍ତି ଅନ୍ୟ ଏକ ଗୋଷ୍ଠୀ ଯିଏ ପୂଜା କରନ୍ତି ନାହିଁ । ସେ ଯାହା ହେଉ ସେମାନଙ୍କ ଦ୍ୱାରା କରାଯାଉଥିବା ପୂଜା, ଆରାଧନାର ପଦ୍ଧତି ଏବଂ ବାସ୍ତବିକ ପୂଜାର ଦାର୍ଶନିକ ମର୍ମ ମଧ୍ୟରେ ପ୍ରଭେଦ କ'ଣ / କେତେ ବିଚାର କରିବା...

ପୂଜାର ପ୍ରକୃତ ଅର୍ଥ ଜାଣିବା, ଆତ୍ମଜ୍ଞାନ ସମୀକ୍ଷା ପୂର୍ବକ ବୁଝିବା ସହଜ ନୁହେଁ, କିମ୍ବା ଏମିତି କୌଣସି ବ୍ୟାପକ କଷ୍ଟକର କାର୍ଯ୍ୟ ମଧ୍ୟ ନୁହେଁ । ଜାଣିବାକୁ, ବୁଝିବାକୁ ଚେଷ୍ଟା କଲେ ସବୁ ବୁଝି ହେବ ଯାହା କେହି କରିବାକୁ ଆଗ୍ରହୀ ନୁହନ୍ତି । ଫଳ, ପୁଷ୍ପ ସହିତ ସୁଗନ୍ଧିତ ପରିବେଶରେ ଶୁଦ୍ଧପୂତ ମନମାନସରେ କରାଯାଉଥିବା ଏକ କ୍ରିୟା ଯାହା ହୁଏତ ବ୍ୟକ୍ତିଗତ ଭାବଧାରା ଜନିତ ମାନସିକ ଅଶ୍ୱସ୍ତି ପ୍ରଦାନ କରୁଥିବ ପୂଜକଙ୍କୁ ଯାହାର କୌଣସି ବସ୍ତୁବାଦୀ ଫଳପ୍ରାପ୍ତିର କୌଣସି ସମ୍ଭାବନା ନଥାଏ କିମ୍ବା ସାଧାରଣରେ କିମ୍ବା ପରଲୋକରେ ଅଲୌକିକ ଫଳ ପ୍ରାପ୍ତିର ମଧ୍ୟ କୌଣସି ସମ୍ଭାବନା ନଥାଏ । ଏହି କ୍ରିୟା କରାଯିବା ପଛରେ କୌଣସି ପ୍ରାକୃତିକ କିମ୍ବା ବୈଜ୍ଞାନିକ ନିୟମ ବହିର୍ଭୁତ କେବଳ ନିଜର ଦୁର୍ବଳ ମାନସିକତାକୁ ଆତ୍ମ ସନ୍ତୁଷ୍ଟିରେ ରୂପାୟନ କରିବା ଛଡା କୌଣସି ବାସ୍ତବବାଦୀ ପ୍ରତିଫଳନ ରହିନଥାଏ ଯାହାକୁ ଆମେ ବୁଝିଛୁ ପୂଜା ବୋଲି । ହେଲେ ପୂଜାର ବାସ୍ତବ ଅର୍ଥ କ'ଣ ଏବଂ ତାକୁ କେମିତି କରାଯିବା କଥା, କରାଗଲେ ମଣିଷ କିଛି ପ୍ରାପ୍ତି ହେବ ସମୀକ୍ଷା କରି ଦେଖିବା.... !

ମାନବିକ ଧର୍ମ / ଆଚରଣ ଜନିତ କୌଣସି ବିଷୟକୁ ଆତ୍ମଜ୍ଞାନ କରିବା ତଥା ମାନବିକ ଚରିତ୍ରରେ ଅଭିଷିକ୍ତ କୌଣସି ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ପ୍ରଗାଢ଼ ଅନୁରୋକ୍ତି ପ୍ରଦର୍ଶନ ପୂର୍ବକ ସେମାନଙ୍କ ଚରିତ୍ର ଗୁଡିକୁ ନିଜସ୍ୱ ଚେତନରେ ସହଭାଗିତା କାରଣରୁ ରଖାଯାଇଥିବା ଉଦ୍ଦେଶ୍ୟ ତଥା ମାନ୍ୟତା ହିଁ ପ୍ରକୃତ ପୂଜା ! କାହାର ପ୍ରତିମୂର୍ତ୍ତି / ସୁନ୍ଦର ଚିତ୍ରର ପ୍ରତିବିମ୍ବରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଧୂପ ଦିପାଦି ପ୍ରଦାନ କ୍ରିୟାକୁ ପୂଜା ବୋଲି କହିବା ବାହୁଲ୍ୟ ମାତ୍ର ଯାହା ଏକ ସାମାଜିକ ଦେଖାଣିଆ ଚରିତ୍ର ହୋଇପାରେ । କି'ନ୍ତୁ ତଦ୍ୱାରା କୌଣସି ସୁଖ, ଶାନ୍ତି କିମ୍ବା ବାସ୍ତବ ଜ୍ଞାନ, ଧନ ମୂଲ୍ୟଯୁକ୍ତ ପ୍ରାପ୍ତିର କୌଣସି ସମ୍ଭାବନା ଆଦୌ ନଥାଏ । ସାଧାରଣ ମଣିଷଙ୍କୁ ଅଜ୍ଞାନ କରି ରଖିବା ସହିତ ନିଜସ୍ୱ ବ୍ୟବସାୟକୁ ବ୍ୟାପକ, ବଜାୟ ରଖିବା ଉଦ୍ଦେଶ୍ୟରେ ରଚିତ, କୃତ ବିଭିନ୍ନ ଅବୈଜ୍ଞାନିକ, ଅପ୍ରାକୃତିକ କ୍ରିୟା ମାଧ୍ୟମରେ କରାଯାଉଥିବା ସାମାଜିକ ବିଭୀଷିକା ଗୁଡିକ ବୁଝି ଅଂତରଣୀୟ କରିବା ସମ୍ଭବ ହେଉନାହିଁ ସାଧାରଣ ନିର୍ବୋଧ ମଣିଷଙ୍କ ପାଖରେ ଯାହାର ରୂପାନ୍ତରିତ ପ୍ରକ୍ରିୟା ଭାବେ ପ୍ରଚଳିତ ପୂଜାର ସମୀକ୍ଷା ନାହିଁ କେଉଁଠାରେ, କାହା ପାଖରେ । ମଣିଷ ଯେତେବେଳେ ନିଜସ୍ୱ ବିଶ୍ଳେଷିତ ବିଚାରଧାରା ମଧ୍ୟରେ ଏହି ପୂଜା ଗୁଡିକର ସମୀକ୍ଷା କରିବ ସେତେବେଳେ ବୁଝି ହେବ ଯେ ସେଗୁଡିକର ବାସ୍ତବ ରୂପ ରେଖ କ'ଣ ?! କି'ନ୍ତୁ ଯେହେତୁ ଅଧିକାଂଶ କ୍ଷେତ୍ରରେ ସେହି ଚିରାଚରିତ ପୂଜା ପଦ୍ଧତି ଗୁଡିକର ଉଚ୍ଚ ଭାଗଫଳ ବ୍ୟବହୃତ ହୋଇଥାଏ ମହିଳାଙ୍କ ଦ୍ୱାରା ଏବଂ ମହିଳାଙ୍କ ଅସୀମ ମାନସିକ ଦୁର୍ବଳତା କାରଣରୁ ଏଗୁଡ଼ିକୁ ସମୀକ୍ଷା କରି ତାହାର ଉପଯୁକ୍ତତା ଉପରେ ବିଚାରଶୀଳ ପ୍ରଚଳନ କରିବା ସମ୍ଭବ ହେଉନାହିଁ ପୁରୁଷଙ୍କ କ୍ଷେତ୍ରରେ ଯାହା ଆଜି ସମୟରେ ଏକ ବ୍ୟାପକ ସାମାଜିକ ବିଭୀଷିକା ଭଳି ଦଣ୍ଡାୟମାନ ।

ପ୍ରକୃତ ପୂଜାର ଭାବଗ୍ରାହୀ ଏତେବଡ଼ ଏକ ଜଟିଳ ବିଷୟକୁ ଏମିତି ଏକ ସାମାଜିକ ଦେଖାଣିଆ ମନୋଭାବ ନରଖି କେବଳ ଆତ୍ମଚିନ୍ତନ / ମନୋନିବେଶ ପୂର୍ବକ ସେହି ମହାନ ବ୍ୟକ୍ତିତ୍ୱ ତଥା ଉତ୍ତମ ଚରିତ୍ରଧାରୀ ମଣିଷଙ୍କ ପ୍ରତି ନିଜର ପ୍ରଗାଢୋକ୍ତି ସମର୍ପଣ କରିବା ପୂଜା । ମନମାନସରେ ସମ୍ମାନର ସହିତ ପୂଜା କରି ତାହାର ସମ୍ପୂର୍ଣ୍ଣ ବାସ୍ତବ ଚେତନାରେ ଅଭିଷିକ୍ତ କରି ପାରିଲେ ନିଜକୁ କିଛି ପ୍ରାପ୍ତି କରିବା ଯାହା ଏହି ଦେଖାଣିଆ କ୍ରିୟା ମାଧ୍ୟମରେ ଆଦୌ ସମ୍ଭବ ହେବନାହିଁ ! ତେଣୁ ନିଜକୁ ସଜାଡି ସମାଜକୁ ଆତ୍ମଜ୍ଞାନ ଚେତନା ପ୍ରଦାନ ପୂର୍ବକ ପୂଜାର ବାସ୍ତବତା ଉପରେ ସମୀକ୍ଷା ଜ୍ଞାନ ବଣ୍ଟନ କରାଗଲେ ହୁଏତ ବ୍ୟକ୍ତିଗତ ତଥା ରାଷ୍ଟ୍ର ମଙ୍ଗଳ ଦିଗରେ କିଛି କାର୍ଯ୍ୟ କରିହେବ ବୋଲି ଆମ ବିଚାର ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ଆଗରେ ପଡ଼ିଛି ପଥ ବହୁଦୂର...


ଆଦିତ୍ୟ ଚନ୍ଦ୍ର ଦାସ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ 'ପର୍ଯ୍ୟବେକ୍ଷକ' ଆଜି ରୌପ୍ୟ ଜୟନ୍ତୀ ସମାରୋହ ଆଜି ପାଳନ କରୁଛି। 'ପର୍ଯ୍ୟବେକ୍ଷକ'କୁ ପ୍ରତ୍ୟହ ପ୍ରତ୍ୟୁଷରୁ ପ୍ରତୀକ୍ଷା ଡ଼ଃ. ପବିତ୍ରମୋହନ ସାମନ୍ତରାୟଙ୍କ ସଂପାଦନାରେ ସଂପାଦିତ ହେବାପରଠାରୁ ବଢ଼ିଯାଇଛି, ଯେହେତୁ ସେ ଖବରକାଗଜର ସଂପାଦକଙ୍କ ଜନ୍ମସ୍ଥାନ ଆମ ଗାଁରେ ଓ ମୋର ଅରମ୍ୟରଚନାମୂଳକ ଲେଖାଗୁଡ଼ିକ ଏଥିରେ ରମ୍ୟରଚନା ହୋଇ ପ୍ରକାଶିତ ହୋଇଥାଏ ବୋଲି। ଯଦିଓ କରୋନା ମହାମାରୀ ପରଠାରୁ ଏହା ଇ-ପେପର ଆକାରରେ ପ୍ରକାଶ ପାଉଛି ଓ ତତ୍ ସଂଗେସଂଗେ ଏକ ଇଂରାଜୀ ଖବର କାଗଜଟିଏ (ଦ କଳିଙ୍ଗ କ୍ରୋନିକିଲ୍) ବି ପ୍ରକାଶ ପାଉଛି ସେଥିପାଇଁ ସେ ପ୍ରତୀକ୍ଷା ଆହୁରି ବଢ଼ି ଯାଇଛି।

ପରିବର୍ତ୍ତନ ହିଁ ପ୍ରକୃତିର ନିୟମ । ଯଦିଓ ପରିବର୍ତ୍ତନ ହୁଏ ପରିସ୍ଥିତିରେ ଉନ୍ନତି ପାଇଁ ତଥାପି ଅଧିକାଂଶ କ୍ଷେତ୍ରରେ ପରିବର୍ତ୍ତନ ଉନ୍ନତି ଆଣୁନାହିଁ । ଗଣମାଧ୍ୟମ କଥା ଚିନ୍ତା କରନ୍ତୁ । ଗଣମାଧ୍ୟମ ସାଧାରଣ ସେବା ପାଇଁ ଯଦିଓ ଉଦ୍ଦିଷ୍ଟ, ମାତ୍ର ତାହା ଆଜି ଦୁଷ୍ଟଚରିତ୍ରମାନଙ୍କର ଖୋଳପା ସାଜିଛି । ନିଜର ପ୍ରତିଷ୍ଠା ପାଇଁ ଲାଳସା ରହିବା ନିଶ୍ଚିତ, ହେଲେ ବି ଏହାର ସଂଜ୍ଞା ବଦଳିଯାଇଛି । ଆଜିକାଲି ପ୍ରତିଷ୍ଠାର ଅର୍ଥ-ଅର୍ଥଲାଭ ଓ ଅନ୍ୟମାନଙ୍କୁ କ୍ଷମତାର ଅପବ୍ୟବହାର କରି ତଳେ ପକାଇବାର ପ୍ରବୃତ୍ତି । ଏହି ଦୁଷ୍ଟଚରିତ୍ରମାନେ କାହାର ଶିରୀ ଦେଖିପାରନ୍ତି ନାହିଁ । ଜନତା ଜନାର୍ଦ୍ଦନର ସେବାଠାରୁ ଏମାନେ ନିଜସ୍ୱ ସେବା କରିବାକୁ ଗୁରୁତ୍ୱ ଦେଉଛନ୍ତି । ଏହା ଭିତରେ ମଧ୍ୟ ସାମ୍ବାଦିକତାର ମାନ ବିଚାର୍ଯ୍ୟ । ସମ୍ବାଦପତ୍ର ଓ ସାମ୍ବାଦିକତା ଏବେ ବିତ୍ତଶାଳୀ, ଶକ୍ତିଶାଳୀ ବ୍ୟକ୍ତି ଓ ଗୋଷ୍ଠୀଙ୍କର ଯଶଗାନ କରୁଛନ୍ତି । ସେମାନଙ୍କର କଳାସାମ୍ରାଜ୍ୟର କଳଙ୍କକୁ ଆଲୋକକୁ ନ ଆଣି କିଏ କାହାକୁ କେଉଁଠାରେ ନାୟକ କରିଦେଉଛି ତ' କିଏ ମହାନାୟକ କରି ନାୟକଙ୍କର ଖଳନାୟକ ଗୁଣକୁ ଲୁଚାଇ ଦେଉଛି । ସାମ୍ବାଦିକତାକୁ ଥୋଡ଼େ ସୌକିନ ସଉକରେ ଆପଣାଇଛନ୍ତି । ବିନା ସାମ୍ବାଦିକ ପାଠପଢାରେ ସାମ୍ବାଦିକ ହୋଇ ସମ୍ପାଦକ ସାଜିବା ପାଇଁ ଏବେ ଏତେ ମାତ୍ରରେ ହୁକୁହୁକୁ ବଢିଯାଇଛି ଯେ, ଲାଗୁଛି ସତେ ଯେମିତି ସାମ୍ବାଦିକଟିଏ ଯେକୌଣସି ଜାଗାରେ ସମ୍ପାଦକଟିଏ ହେବା ଜରୁରୀ ସେଣିକି ପ୍ରାୟୋଜକ କି ପ୍ରାୟୋଜିକା ଯେ କେହି ବି ହୋଇଥାନ୍ତୁ !

'ପର୍ଯ୍ୟବେକ୍ଷକ' ସଂପାଦକଙ୍କ ଭାଷାରେ - "... ଏଇ ପ୍ରତିଶ୍ରୁତି ଦେଉଛି ଯେ, ଦୈନିକ ଖବରକାଗଜ 'ପର୍ଯ୍ୟବେକ୍ଷକ' ବିଗତ ବର୍ଷଗୁଡ଼ିକରେ ଯେପରି ରାଜ୍ୟବାସୀଙ୍କ ମୁଖପତ୍ର ରହିଥିଲା, ଏବେ ରହିଛି, ସେପରି ମଧ୍ୟ ଆଗାମୀ ଦିନଗୁଡ଼ିକରେ ରହିବ ଓ ପୂର୍ବବତ୍ ସାଧାରଣ ଜନତାଙ୍କ ପଛରେ ସଦାସର୍ବଦା ଛିଡ଼ାହେବ।"

'ପର୍ଯ୍ୟବେକ୍ଷକ'ର ପର୍ଯ୍ୟବେକ୍ଷଣ ପରର ପରଷାରେ ପର୍ଯ୍ୟବସିତ ନୁହେଁ, ବରଂ ପ୍ରତ୍ୟେକ ଘଟଣା ଉପରେ ଏହାର ସ୍ୱକୀୟ ପର୍ଯ୍ୟବେକ୍ଷଣ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରେ । ନୂଆ ନୂଆ ଲେଖକ-ଲେଖିକାଙ୍କୁ ସ୍ଥାନ ଦେବା ଏ ଖବରକାଗଜର ଆଉ ଏକ ବିଶେଷତ୍ୱ ଏବଂ ଯାହା ଅନ୍ୟ ଖବରକାଗଜମାନଙ୍କ ପାଇଁ ଉଦାହରଣ ହୋଇ ରହିବ । ଅପ୍ରିଲ ୨, ୨୦୧୩ର ସଂସ୍କରଣ ସମ୍ପାଦକୀୟ ପୃଷ୍ଠା ଓ ପରପାର୍ଶ୍ୱ ପୃଷ୍ଠାଟି ଜଣେ ଶିକ୍ଷକଙ୍କ ପାଇଁ ଉତ୍ସର୍ଗୀକୃତ ଥିଲା ଯାହା କେବଳ ଜଣେ ପଢିଥିଲେ ଅବା ସେଦିନର ସଂସ୍କରଣ ଦେଖିଥିଲେ ହିଁ ଜାଣିପାରିବ । ସେ ମହାନ ଶିକ୍ଷକଙ୍କ ମହାନଗୁଣ ଯାହା ଆଉନା କାହିଁକି ମାତ୍ର ସେ 'ପର୍ଯ୍ୟବେକ୍ଷକ' ଖବରକାଗଜର ସଂପାଦକ୍ଙ୍କ ଶିକ୍ଷକ ଥିଲେ । ଏମିତି କେତେଜଣ ସଂପାଦକ-ଛାତ୍ର ଅଛନ୍ତି କୁହନ୍ତୁତ ନିଜ ଗୁରୁଙ୍କ ପାଇଁ ଗୋଟିଏ ଦିନର ଖବରକାଗଜର ଦୁଇପୃଷ୍ଠା ଛାଡ଼ିଦେବେ ? ଉତ୍ତର ହୁଏତ ହୋଇପାରେ ନିଜର ଖବରକାଗଜ ମାତ୍ର ତାହା ସନ୍ତୋଷଜନକ ନୁହେଁ । ସମୂହ କାର୍ଯ୍ୟପାଇଁ ସଂକଳ୍ପ ନେଇଥିବା ଯେକୌଣସି ସାଧକମାନେ ଆଗେ ସମସ୍ତେ ଜଣେ ଜଣେ ଏବଂ ମିଶିଲେ ଗଣା ହୁଅନ୍ତି ଗଣରେ । ତେଣୁ ସବୁବେଳେ ସମୂହ କଥା ଚିନ୍ତାକରି କେତେବେଳେ ବି ଜଣକ ପାଇଁ ଚିନ୍ତା କରିବା ଜରୁରୀ । ଆମ ଅଞ୍ଚଳରେ ବିଶେଷ କରି ଚଣ୍ଡିତଳରେ ୪ ବୀର କିଶୋର ପଟ୍ଟନାୟକଙ୍କ ପରି ଜଣେ ମହାନ ଶିକ୍ଷକ ଥିଲେ, ମାତ୍ର ଯାହାଙ୍କୁ ଆମେ ଜାଣିପାରିଲୁ ନାହିଁ । ଏହାଠାରୁ ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ ? କେନ୍ଦୁଝରର ଜିଲ୍ଲାର ଅଳତୀ ବେଲସୁନ୍ଦରୀ ଅଞ୍ଚଳର ଲୋକେ ତାଙ୍କୁ ଜାଣି 'ଦରିଦ୍ର ନାରାୟଣ ବିଦ୍ୟାପୀଠ'ରେ ତାଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରଖି ଏବେ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି ତାଙ୍କର । ପାଠପଢାରେ ଯାଜପୁର ଅଞ୍ଚଳ ଆଗୁଆ ବର୍ଗରେ ଥିଲାବେଳେ କେନ୍ଦୁଝର ଜିଲ୍ଲା ନାମ ବୋଧେ ପଛୁଆ ବର୍ଗରେ । ଧନ୍ୟ କହିବ ସେ ଅଞ୍ଚଳବାସୀଙ୍କୁ । କାହାକୁ ମନେ ରଖିବା ପାଇଁ ସାହିତ୍ୟିକ ଅବା ସାଂସ୍କୃତିକ ସ୍ମୃତି ସଂସଦ ନୁହେଁ, ଏକ ମନ ଓ ଏକ ହୃଦୟ ସମସ୍ତଙ୍କର ହେବା ଦରକାର ବୋଲି ଅଳତୀ ବେଲସୁନ୍ଦରୀ ଗ୍ରାମବାସୀ ଜଣାଇଦେଲେ ସାରା ଓଡ଼ିଶାବାସୀଙ୍କୁ । ମନେପଡୁଛି କବିତା ଧାଡ଼ିଟିଏ- 'ବିଦ୍ୟାର ଆଳୟ ଅଟେ ବିଦ୍ୟାଳୟ / ବିଦ୍ୟାର୍ଥୀ ତାର ସନ୍ତାନ / ବିଦ୍ୟାର୍ଥୀ ଶିକ୍ଷକ ଏକ ମେଳ ହେଲେ / କରନ୍ତି ଯଶ ଅର୍ଜନ ।'

'ପର୍ଯ୍ୟବେକ୍ଷକ'ର ପ୍ରଗତି ପ୍ରତିକ୍ଷଣ ପ୍ରତିକ୍ଷିପ୍ତ । ଜାଣିବାରେ, କେତେକ ସମୟରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ରାଜନୈତିକ ଶକ୍ତି କ୍ଷମତାର ଅପବ୍ୟବହାର କରିଛନ୍ତି ଏ ଖବରକାଗଜ ଉପରେ। ବଶ କରିବାକୁ ଚେଷ୍ଟା କରିଛନ୍ତି ଓ ବେବଶ କରିବାକୁ ମଧ୍ୟ ବାଧ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ଖବରକାଗଜକୁ ହାତରେ ନ ମାରି ଭାତରେ ମାରିବାର ପ୍ରକ୍ରିୟାକୁ ମଧ୍ୟ ଅଣଦେଖା କରିହେବ ନାହିଁ । ତଥାପି ନିରବଚ୍ଛିନ୍ନ ଭାବେ ପାଠକ-ପାଠିକାଙ୍କ ପ୍ରବଳ ଆଦର ଖବରକାଗଜକୁ ଏତେ ବାଟ ନେଇଛି ବା ଏତେ ବରଷରେ ପହଞ୍ଚାଇଛି । ଲୋକାନୁମୋଦନ ଓ ଲୋକସମର୍ଥନକୁ ନେଇ ଏହା ଆଗେଇ ଚାଲୁ ଆହୁରି ଆଗକୁ ଆଗକୁ । ଆଜିର ୨୫ତମ ରୌପ୍ୟ ଜୟନ୍ତୀ ଅବସରରେ ପ୍ରାର୍ଥନା କରୁଛି ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଯେ, 'ପର୍ଯ୍ୟବେକ୍ଷକ' ଆହୁରି ଲୋକଙ୍କ ନିକଟତର ହେଉ ସେମନଙ୍କ ସୁଖଦୁଃଖରେ ସମଭାଗୀ ହୋଇ !

କ୍ଷେତ୍ରପାଳ, କଣ୍ଟିଗାଡ଼ିଆ, ଯାଜପୁର।

# ଭୋଜନ ନିୟମ


ଗିରିଧାରୀ ସାମଲ

ଜୀବନରେ ଖାଦ୍ୟ ବିନା କେହି ବି ବଞ୍ଚି ପାରିବେନାହିଁ। ଭୋଜନ ସମୟରେ ଦିଗ ଉପରେ ବିଶେଷ ଧ୍ୟାନ ଦେବା ଉଚିତ। ଏହା ନକଲେ ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ବାସ୍ତୁ ନିୟମ ଅନୁସାରେ କେବେ ବି ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କରନ୍ତୁ ନାହିଁ। କାରଣ ଏହାକୁ ଯମ ଦିଗ ବୋଲି ମନେ କରାଯାଏ। ଏହି ଦିଗକୁ ମୁହଁ କରି ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆୟୁ ହ୍ରାସ ପାଇଥାଏ। ସେହିପରି ପଶ୍ଚିମ ଦିଗକୁ ମୁହଁ କରି ଭୋଜନ ଗ୍ରହଣ କରିବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛଣାରେ ବସି ଭୋଜନ କରନ୍ତୁନି :** ବହୁ ଲୋକ ପ୍ରାୟ ସମୟରେ ବେଡ଼ ଉପରେ ବସି ଖାଦ୍ୟ ଖାଇଥାନ୍ତି। କିନ୍ତୁ ବାସ୍ତୁ ଅନୁଯାୟୀ ଏହା ସଂପୂର୍ଣ୍ଣ ଭାବରେ ଅନୁଚିତ। ଏପରି କରିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ ଓ ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଫଳରେ ଘରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ। ଆୟୁ ତୁଳନାରେ ବ୍ୟୟ ବଢ଼ିଥାଏ। ଫଳରେ ବ୍ୟକ୍ତି ଋଣ କରିବାକୁ ବାଧ୍ୟ ହୋଇଥାଏ। ଅଭ୍ୟାସ ନ ବଦଳାଇଲେ ଏହି ଋଣ ବୋଝ ବଢ଼ି ବଢ଼ି ଚାଲେ।

**ଉତ୍ତରମୁହାଁ ଭୋଜନ କରନ୍ତୁ :** ଉତ୍ତର ଓ ପୂର୍ବ ଦିଗକୁ ମୁହଁ କରି ଭୋଜନ କରିବା ଅତି ଉତ୍ତମ ହୋଇଥାଏ। ଏହି ଦୁଇ ଦିଗକୁ ଦେବ ଦିଶା ମନେ କରାଯାଏ। ତେଣୁ ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଫଳରେ ଘରେ ଆର୍ଥିକ ସମସ୍ୟା କେବେ ବି ଦେଖାଯାଏ ନାହିଁ। ପରିବାରରେ ଶାନ୍ତି ଓ ସହାବସ୍ଥାନ ବଜାୟ ରହିଥାଏ।

**ହଜମ ଶକ୍ତି ଭଲ ରହିଥାଏ :** ପୂର୍ବ ଦିଗକୁ ମୁହଁ କରି ଖାଦ୍ୟ ଖାଇବା ଆଧ୍ୟାତ୍ମିକ ଦୃଷ୍ଟିରୁ ଶୁଭ ହୋଇଥିବା ବେଳେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହୋଇଥାଏ। ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ହଜମ ଶକ୍ତି ଭଲ ରହିଥାଏ। ଖାଦ୍ୟ ଠିକ ଭାବରେ ହଜମ ହେବାରୁ ଶରୀର ବି ସୁସ୍ଥ ରହିଥାଏ।

**ମାଟିପାତ୍ର ଶୁଭଦାୟକ :** ଶାସ୍ତ୍ରରେ ମାଟିପାତ୍ରକୁ ବହୁତ ପବିତ୍ର ଓ ଶୁଭଦାୟକ ମନେ କରାଯାଏ। ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ଦ୍ୱାରା ଶରୀରକୁ ୧୦୦ ପ୍ରତିଶତ ପୋଷକତତ୍ତ୍ୱ ମିଳିଥାଏ। ସ୍ୱାସ୍ଥ୍ୟ ଲାଭ ସହିତ ସୌଭାଗ୍ୟ ପ୍ରାପ୍ତି ବି ହୋଇଥାଏ।

**ଥାଳିରେ ଖାଦ୍ୟ ଛାଡ଼ିବା ଅନୁଚିତ :** ଥାଳିରେ ସେତିକି ଖାଦ୍ୟ ନିଅନ୍ତୁ ଯେତିକି ଆପଣ ଖାଇପାରିବେ। ଥାଳିରେ ଖାଦ୍ୟ ଛାଡ଼ିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ। ଫଳରେ ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଏହାଦ୍ୱାରା ଘରେ ଧନ ଓ ଅନ୍ନର ଅଭାବ ଦେଖାଦେଇଥାଏ। ବ୍ୟକ୍ତି କାଙ୍ଗାଳ ବି ହୋଇଯାଇପାରେ।

**ଛିଡ଼ା ହୋଇ ଭୋଜନ କରନ୍ତୁନି :** ବ୍ୟକ୍ତି ସୁଖାସନ ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଉଚିତ। କେବେ ବି ଛିଡ଼ା ହୋଇ କିମ୍ବା ଅନ୍ୟ କୌଣସି ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଅନୁଚିତ। ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ସେହିପରି ଖାଦ୍ୟ ଗ୍ରହଣ ପୂର୍ବରୁ ହାତଯୋଡ଼ି ଦେବୀ ଦେବତାଙ୍କୁ ସ୍ମରଣ କରି ଭୋଜନ ଲାଗି ଧନ୍ୟବାଦ ଜଣାନ୍ତୁ।

**ତିନିଥର କାଢ଼ି ଦିଅନ୍ତୁ :** ଭୋଜନ ଗ୍ରହଣ କରିବା ପୂର୍ବରୁ ଥାଳିରୁ ତିନିଥର ଅଳ୍ପ ଅଳ୍ପ ଖାଦ୍ୟ କାଢ଼ି ରଖନ୍ତୁ। ଏହାକୁ ଗାଈ, କୁକୁର ଓ କାଉକୁ ଖାଇବାକୁ ଦିଅନ୍ତୁ। କୁହାଯାଏ ଏହା ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥାଏ।

ଭୋଜନକୁ ଭଗବାନଙ୍କ ଦିବ୍ୟ ଉପହାର ଓ ଆମ୍ଭମାନଙ୍କ ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ଶରୀର ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଭୋଜନ ଓ ଭୋଜନ ସମୟକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର,*
*କଟକ, ଦୂରଭାଷ : ୯୪୩୭୪୫୦୧୧୪*

# ସୁପୁତ୍ର ବନାମ କୁପୁତ୍ର


ପ୍ରଦୀପ୍ତ କୁମାର ଜେନା

ପୁତ୍ ଧାତୁରୁ ପୁତ୍ର ଶବ୍ଦଟି ଆସିଅଛି । କୁହାଯାଏ ଘରକୁ ପୁତ୍ରଟିଏ ଆସିଲେ ସେହି ପୁତ୍ରଟି ପୂତ୍ ନାମକ ନର୍କରୁ ପିତାକୁ ଉଦ୍ଧାର କରିଥାଏ । ଭାଗବତରେ ଅନେକ ପ୍ରକାର ନର୍କର କଥା ଉଲ୍ଲେଖ ଅଛି । ମଣିଷ ନିଜର କୁକର୍ମ ପାଇଁ ନର୍କ ଭୋଗ କରିଥାଏ । କେଉଁ ପାପ କଲେ କେଉଁ ନର୍କ ଭୋଗ କରିବାକୁ ପଡ଼େ ତାହା ବିଷଦ ଭାବରେ ଭାଗବତରେ ଉଲ୍ଲେଖ କରାଯାଇଛି । ପୂତ୍ ନାମକ ନର୍କ ତନ୍ମଧ୍ୟରୁ ଅନ୍ୟତମ । ପୁରାଣ ପୃଷ୍ଠାକୁ ଅନୁଶୀଳନ କଲେ ଅନେକ ଆଦର୍ଶ ବା ସୁପୁତ୍ରର ଉଦାହରଣ ଦେଖିବାକୁ ମିଳେ । ତ୍ରେତୟା ଯୁଗରେ ଋଷି ଯମଦଗ୍ନି ନିଜ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ନିଜର ପୁତ୍ରମାନଙ୍କୁ, ତାଙ୍କ ମା'ଙ୍କୁ ହତ୍ୟା କରିବା ପାଇଁ କହିଲେ । ପୁତ୍ରମାନେ ଏ ପ୍ରକାର ବର୍ବୋରୋଚିତ ହତ୍ୟା କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଯମଦଗ୍ନି ନିଜର ଅନ୍ୟ ପୁତ୍ର ପର୍ଶୁରାମଙ୍କୁ ଉକ୍ତ କାର୍ଯ୍ୟ କରିବାକୁ ପରାମର୍ଶ ଦେଲେ । ପର୍ଶୁରାମ ପିତାଙ୍କ ଉପଦେଶକୁ ତତ୍କ୍ଷଣାତ୍ ପାଳନ କରିବାକୁ ଯାଇ ନିଜ ମା' ଓ ଅନ୍ୟ ଭାଇମାନଙ୍କର ଶିର ଛେଦନ କରିଥିଲେ । ପିତାଙ୍କ ଆଦେଶକୁ ପାଳନ କରିଥିବାରୁ ଋଷି ସନ୍ତୁଷ୍ଟ ହୋଇ ପର୍ଶୁରାମଙ୍କୁ ବର ପ୍ରଦାନ କରିଥିଲେ । ପର୍ଶୁରାମ ପିତାଙ୍କ ବରରେ ତାଙ୍କର ମାତା ଓ ଅନ୍ୟ ଭାଇମାନଙ୍କୁ ପୁନର୍ବାର ଜୀବନ ଦେଇପାରିଥିଲେ । ବାପାଙ୍କ ଆଦେଶକୁ ବିନା ଦ୍ୱିଧାରେ ପାଳନ କରିଥିବାରୁ ପର୍ଶୁରାମ ବାପାଙ୍କ ଉତ୍ତମ ବା ଆଦର୍ଶ ପୁତ୍ର ଭାବେ ପରିଗଣିତ ହୁଅନ୍ତି । ଠିକ୍ ସେଇଭଳି ପ୍ରଭୁ ରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟ ରକ୍ଷା କରିବାକୁ ଯାଇ ଚଉଦ ବର୍ଷ ବନବାସକୁ ଆପଣାଇ ନେଇଥିଲେ । ପ୍ରଭୁ ରାମଚନ୍ଦ୍ରଙ୍କ ନାମ ଜଣେ ଆଦର୍ଶ ପୁତ୍ର ଭାବେ ଆମ ପୁରାଣ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଆମର ଇତିହାସ ଓ ପୁରାଣ ପୃଷ୍ଠା ଉନ୍ମୋଚନ କଲେ ଏହିଭଳି ଅନେକ ଉଦାହରଣ ଦେଖିବାକୁ ମିଳିଥାଏ, ଯେଉଁ ପୁତ୍ର ବାପାଙ୍କ ଆଦେଶର ଭୁଲ୍ ଓ ଠିକ୍‌ର ଦିଗକୁ ବିଚାରକୁ ନନେଇ ଅକୁଣ୍ଠିତ ଚିତ୍ତରେ ପାଳନ କରିଥାଏ, ପିତା ସେହି ପୁତ୍ରକୁ ଶ୍ରେଷ୍ଠ ବା ଉତ୍ତମ ପୁତ୍ର ଭାବରେ ବିଚାର କରିଥାଏ । ପିତାର ମନକଥାକୁ ଯେଉଁ ପୁତ୍ର ବୁଝି, ତା'ର ମନୋବିଷ୍ଟ ପୂରଣ କରିଥାଏ, ପିତା ନିଶ୍ଚିତ ଭାବରେ ସେହି ପୁତ୍ରକୁ ଉତ୍ତମ ପୁତ୍ର ଭାବେ ବିଚାର କରେ । ରାଜା ଶାନ୍ତନୁ ସତ୍ୟବତୀଙ୍କ ପ୍ରେମରେ ପାଗଳ ହୋଇ ଯେତେବେଳେ ବିବାହ କରିବାକୁ ଚାହିଁଲେ ଓ ମାନସିକ କଷ୍ଟ ପାଇଲେ ତାଙ୍କ ପୁତ୍ର ଦେବବ୍ରତ ବାପାଙ୍କ ମାନସିକ କଷ୍ଟକୁ ଅନୁଧ୍ୟାନ କରି ଜାଣିପାରିଲେଯେ, ସେ ଦାସ ରାଜାଙ୍କ କନ୍ୟା ସତ୍ୟବତୀଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି । ଦେବବ୍ରତ ନିଜେ ଯାଇ ଦାସ ରାଜାଙ୍କୁ ବିବାହ ପ୍ରସ୍ତାବ ଦେଲେ । ଦାସ ରାଜା ସତ୍ୟବତୀଙ୍କୁ ଶାନ୍ତନଙ୍କୁ ସହିତ ବିବାହ ପାଇଁ ରାଜି ହେଲେ; କିନ୍ତୁ ସେ ଗୋଟିଏ ସର୍ତ୍ତ ଦେବବ୍ରତଙ୍କ ପାଖରେ ରଖିଲେ । ସର୍ତ୍ତ ଅନୁଯାୟୀ ଶାନ୍ତନୁଙ୍କ ପୁତ୍ର ଦେବବ୍ରତ, ରାଜସିଂହାସନ ପାଇବ ନାହିଁ । ସତ୍ୟବତୀଙ୍କ ଗର୍ଭର ସନ୍ତାନ ହିଁ ରାଜା ହେବ । ଏକଥା ଜାଣିଲା ପରେ ଦେବବ୍ରତ ଦାସ ରାଜାଙ୍କ ସର୍ତ୍ତରେ ରାଜି ହେଲେ ଓ ସେ ଉତ୍ତରାଧିକାରୀ ସୂତ୍ରରେ ସିଂହାସନ ଦାବୀ କରିବେ ନାହିଁ ବୋଲି କହିବା ସହିତ ଆଜନ୍ମ ବ୍ରହ୍ମଚାରୀ ରହିବେ ବୋଲି ପ୍ରତିଜ୍ଞା କଲେ । ସେହିଦିନଠାରୁ ତାଙ୍କ ନାମ ଭୀଷ୍ମ ରହିଲା । ପିତାଙ୍କ ଆନନ୍ଦ ପାଇଁ ଦେବବ୍ରତ ତ୍ୟାଗ ସ୍ୱୀକାର କଲେ । ଫଳରେ ସେ ଶାନ୍ତନୁଙ୍କ ନିକଟରେ ଜଣେ ଆଦର୍ଶ ପୁତ୍ର ଭାବରେ ନିଜକୁ ପ୍ରତିପାଦିତ କଲେ । ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ କାମ କରୁଥିବା ଜଣେ ଅଧସ୍ଥନ କର୍ମଚାରୀ ତା'ର ମାଲିକର କଥାକୁ ଯଦି ଅନ୍ଧ ଭାବରେ ସମର୍ଥନ କରେ ତାହେଲେ ସେ ମାଲିକର ପ୍ରିୟପାତ୍ର ହୋଇପାରିବ । ଯଦି ମାଲିକର ଭୁଲ୍ ବାହାର କରିବ ତାହେଲେ ସେ ମାଲିକର ନିକଟତର ହୋଇପାରିବ ନାହିଁ । ସେଥିପାଇଁ କୁହାଯାଏ 'ଇକ୍ଷ୍ମସ୍ୱଶ୍ୱ ସଶ୍ୱ ବକ୍ଷଙ୍ଗବଛ କ୍ଷସଶକ୍ଷଶ୍ୱ' । ଠିକ୍ ସେହିଭଳି ଯେଉଁ ପୁତ୍ର ବାପାଙ୍କ ଭୁଲ୍ ହେଉ ବା ଠିକ୍ ହେଉ ତାକୁ ବିନା ଦ୍ୱିଧାରେ ପାଳନ କରେ ସେହି ପୁତ୍ର ବାପାଙ୍କର ସବୁଠାରୁ ଉତ୍ତମ ପୁତ୍ର ଭାବେ ପରିଗଣିତ ହୁଏ । ଶ୍ରବଣ କୁମାର ନିଜର ବୃଦ୍ଧ ପିତାମାତଙ୍କୁ ନିଜ କାନ୍ଧରେ ଭାର ସାହାଯ୍ୟରେ ବୋହି ବୋହି ନେଇ ତୀର୍ଥ ଭ୍ରମଣ କରିଥିଲେ । ତାଙ୍କର ତ୍ୟାଗ ଓ ପିତା ମାତାଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଭଲ ପାଇବା ତାକୁ ଜଣେ ଆଦର୍ଶ ପୁତ୍ରର ସ୍ଥାନ ଦେଇଥାଏ । କପିଳ ମୂନିଙ୍କ ଅଭିଶାପରେ ସାଗର ବଂଶ ପୋଡ଼ି ପାଉଁଶ ହୋଇଯାଇଥିଲା । ସାଗର ବଂଶର ଦାୟାଦ ଭଗିରଥ ଶିବଙ୍କୁ ତପସ୍ୟା କରି ଗଙ୍ଗା ମାତାଙ୍କୁ ମର୍ତ୍ତ୍ୟକୁ ଆଣିଥିଲେ, ଯାହାଫଳରେ ତାଙ୍କ ପରିବାର ଗଙ୍ଗାମାତାଙ୍କ ସ୍ପର୍ଶରେ ପୁନର୍ଜିବିତ ହୋଇଥିଲେ । ଜଣେ ଆଦର୍ଶ ପୁତ୍ର ଭାବେ ଭଗିରଥଙ୍କୁ ଆମ ଶାସ୍ତ୍ର ଗୁଣଗାନ କରେ । ଜଣେ ସୁପୁତ୍ର ଭାବନାରେ 'ପିତା ସ୍ୱର୍ଗ ପିତା ଧର୍ମ ପିତାହିଁ ପରମ ତପ ପିତରି ପ୍ରୀତିମାପନେ ପ୍ରିୟୋନ୍ତ ସର୍ବଦେବତା ।' ପିତା ସ୍ୱର୍ଗଠାରୁ ମହାନ୍ । ଆଜିର ସମାଜରେ ଗୋଟିଏ ସୁପୁତ୍ର ଖୋଜି ବାହାର କରିବା ଏକ ସମସ୍ୟା । କଳିଯୁଗରେ କୁପୁତ୍ରଙ୍କ ସଂଖ୍ୟା ଅଧିକ । କୁପୁତ୍ର ସେଇମାନେ ଯେ ନିଜର ପିତାଙ୍କୁ କୁକୁର ଭଳି ବ୍ୟବହାର କରିଥାଆନ୍ତି । ସ୍ତ୍ରୀ ବୁଦ୍ଧିରେ ପଡ଼ି ପିତା ମାତାଙ୍କୁ ଶେଷ ଜୀବନରେ ବୃଦ୍ଧାଶ୍ରମରେ ଛାଡ଼ି ଦେଇଥାଆନ୍ତି । 'ଡାକମୁନ୍‌ସି' ଗଳ୍ପରେ ଫକୀର ମୋହନ ସେନାପତି ଆଜିର ସମାଜରେ ଥିବା ଇଂରେଜି ପଢୁଆ ପୁଅର ଚରିତ୍ର ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି । ଡାକମୁନିସି ତାଙ୍କର ବୃଦ୍ଧ ରୋଗୀଣା ବାପାଙ୍କ ସାଙ୍ଗ ପାଖରେ ଚାକର ବୋଲି ପରିଚୟ ଦେଇଛନ୍ତି । ଅପାଠୁଆ ମଳିମୁଣ୍ଡିଆ ବାପା ଯଦି ଶିକ୍ଷିତ ଚାକିରିଆ ପୁଅ ପାଖକୁ ବୁଲି ଯାଉଛି ପୁଅ ତାକୁ ତା' ଘରେ ରଖିବା ପରିବେର୍ତ୍ତ କିଛି ପଇସା ଦେଇ ଗାଁକୁ ବିଦା କରିଦେଉଛି । କାରଣ ତା'ର ଇଜ୍ଜତ ଅଛି । ସାଙ୍ଗ ସାଥିମାନେ ଯଦି ଏଭଳି ଜଣେ ମଫସିଲିଆ ଅପାଠୁଆ ଲୋକକୁ ଦେଖିବେ ସେମାନେ କ'ଣ କହିବେ । ସମାଜରେ ଆଜି ସୁପୁତ୍ର ବା ଆଦର୍ଶ ପୁତ୍ରର ଘୋର ଅଭାବ ଅଛି । ଆଜି ସମ୍ପତ୍ତି ଲୋଭରେ ପୁଅ ବାପାକୁ ହତ୍ୟା କରୁଛି । ତୀର୍ଥ ଭ୍ରମଣ ନାଁରେ ବାହାରକୁ ନେଇ ଛାଡ଼ି ଦେଇ ଆସୁଛି । ବାପା ଯେତେବେଳେ ଶଯ୍ୟାଶାୟୀ ହୋଇପଡୁଛି ପୁଅ କହୁଛି ବାପା ମୋର ଚାଲିଗଲେ ଭଲ ହୁଅନ୍ତା । କିଏ ତା'ର ସେବା କରିବ । ପୁଅ ବିଦେଶରେ ଚାକିରୀ କରୁଛି । ବାପାଙ୍କ ଦେହ ଖରାପ କଥା ଶୁଣି କହୁଛି ବାପାର ବୟସ ହେଲାଣି, ଆଉ ମୁଁ ଏବେ ଦେଖିବାକୁ କ'ଣ ଯିବି । ଏକାଥରେ ମଲାବେଳକୁ ଯାଇ ଶୁଦ୍ଧି କାର୍ଯ୍ୟ କରି ଆସିବି । କିଛିଦିନ ତଳେ ଏକ ସତ୍ୟ ଖବର ମୋ ନଜରକୁ ଆସିଥିଲା । ଦୁଇ ଭାଇ ବାହାରେ ଚାକିରୀ କରନ୍ତି । ଘରେ ବୃଦ୍ଧା ପିତା ମାତା । ବାପା ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ । ମା'ର ମୃତ୍ୟୁ ହେବାରୁ ଦୁଇପୁଅଙ୍କ ପାଖକୁ ଖବରଗଲା । ବଡ଼ଭାଇ ସାନଭାଇକୁ କହିଲା, "ତୁ ଚାଲିଯା, ମୁଁ ବାପାଙ୍କ କାମକୁ ଯିବି ।" ଯେତେବେଳେ ଏହି କଥା ବାପାଙ୍କ ଗୋଚରକୁ ଆସିଲା ସେ ତତ୍କ୍ଷଣାତ୍ ନିଜର ବନ୍ଧୁକଟିକୁ ଆଣି ଆତ୍ମହତ୍ୟା କରିଦେଲେ ଓ କହିଲେ ବଡ଼ପୁଅ ଆଉ ଆସିବାକୁ ପଡ଼ିବ ନାହିଁ । ଗୋଟିଏ ଜୁଇରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ଶବ ପାଉଁଶ ହୋଇଗଲା । ଆଜିର ସମାଜରେ ଏଭଳି କୁପୁତ୍ର ଅସୀମ । ଗୋଟିଏ ସୁପୁତ୍ରକୁ ଖୋଜି ପାଇବା ବଡ଼ କଷ୍ଟ । ଯେଉଁ ପୁତ୍ର ପିତା ପାଇଁ ଏହି ସଂସାରର ଆଲୋକ ଦେଖିବାର ସୁଯୋଗ ପାଇଛି ସେହି ପୁତ୍ର ଯେତେବେଳେ ବଡ଼ ହୋଇଯାଉଛି ଓ ଘର ସଂସାର କରୁଛି ସେ ତା'ର ସୃଷ୍ଟିକର୍ତ୍ତାକୁ ଭୁଲିଯାଉଛି । ସତେଯେପରି ପିତା ତା' ସଂସାର ପାଇଁ ବୋଝ ସଦୃଶ୍ୟ । ପିଲାଟି ସଂସ୍କାର ଶିଖୁନି । ଈଶ୍ୱର ଓ ତାଙ୍କ ମହନୀୟ ସୃଷ୍ଟି ସମ୍ବନ୍ଧରେ ଜ୍ଞାନ ଆହରଣ କରୁନି । ପିତା ମାତାଙ୍କ ଲକ୍ଷ୍ୟ ରହୁଛି କିଭଳି ପିଲାଟି ପାଠ ପଢ଼ି ଅମାପ ଧନ ରୋଜଗାର କରିବ, ଭଲ ସଂସ୍କାରି ମଣିଷଟିଏ ହେବା କଥା ସେମାନେ ଚିନ୍ତା କରୁନାହାନ୍ତି । ଯାହାଫଳରେ ପୁତ୍ର ସମ୍ପତ୍ତି ପଛରେ ଜୀବନସାରା ଗୋଡ଼େଇ ଗୋଡ଼େଇ ଶେଷରେ ନିଜର ପିତା ମାତାଙ୍କୁ ହତାଦର କରୁଛି । ପୁତ୍ର କୁପଥକୁ ଯିବା ପାଇଁ ସେ ନିଜେ ଯେତିକି ପରିମାଣରେ ଦାୟୀ, ପିତା ମାତା, ପରିବେଶ ଓ ସାମାଜିକ ବିଧି ବ୍ୟବସ୍ଥା ମଧ୍ୟ ସେତିକି ଦାୟୀ । ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଏହି ସଂସାରର ପରିବର୍ତ୍ତନ ପାଇଁ ଏକ ସୁନ୍ଦର ସୃଷ୍ଟିର ଆବଶ୍ୟକତାକୁ ଆହ୍ୱାନ କରିଛନ୍ତି । ଭଲ ସୃଷ୍ଟି ପାଇଁ ଜଣେ ଭଲ ସୃଷ୍ଟିକର୍ତ୍ତା ଅର୍ଥାତ ଜଣେ ସଂସ୍କାରି ଚରିତ୍ରବତୀ ପତିପରାୟଣା ଈଶ୍ୱରବିଶ୍ୱାସୀ ମା'ର ଆବଶ୍ୟକତାକୁ ଅନୁଭବ କରିଛନ୍ତି । ଭଲ ମା' ହିଁ ଗୋଟିଏ ସୁପୁତ୍ର ସୃଷ୍ଟି କରିପାରିବ । ଆସନ୍ତୁ, ଆମେ ସମସ୍ତେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏହି ବାଣୀର ରହସ୍ୟକୁ ଅନୁଭବ କରିବା ସହିତ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରୟାସ କରିବା ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*କଲ୍ୟାଣୀନଗର, କଟକ*
*ମୋ-୮୨୪୯୨୮୧୫୬୭*




# ପରମାତ୍ମୀୟ


ସୁଦର୍ଶନ ମହାପାତ୍ର

ଅପୂର୍ବ ବାବୁ ବସିଥିଲେ ସ୍ଥାଣୁ ହୋଇ। କ'ଣ କରିବେ କିଛି ବୁଝି ପାରୁ ନଥିଲେ। ଆସନ୍ତାକାଲି କାର୍ଯ୍ୟାଳୟରୁ ସେ ଅବସର ନେବେ। ଚାକିରୀର ଶେଷ ଦିନ ପୂର୍ବରୁ ତାଙ୍କ ପାଇଁ ଏମିତି ଏକ ସମ୍ବାଦ ଆସିବ ବୋଲି ବିଶ୍ୱାସ କରିନଥିଲେ। ଅଳକା ଯେମିତି ଦୁଃଖରେ ଜଡସଡ ହୋଇ ବସିଥିଲେ। ନିଜକୁ ନିଜେ ଅଭିଶାପ ଦେଉଥିଲେ ଅନୁତାପ ବଶତଃ। ତାଙ୍କରି ପାଇଁ ତ ସ୍ୱାମୀ ଆଜି ଦୁଃଖ ଏବଂ ଚିନ୍ତାରେ ଜର୍ଜରିତ। ଯେଉଁ ଭରସାରେ ଏକମାତ୍ର ପୁଅର ଇଛା ଅନୁସାରେ ସହର ଉପକଣ୍ଠରେ ଜାଗା କିଣି ଡୁପ୍ଲେକ୍ସ ଟିଏ ବନେଇ ଥିଲେ, ସେଠି ବି ଅବସରକାଳୀନ ରାହା ଟିକେ ମିଳି ପାରିବ ନାହିଁ।କ'ଣ କରିବେ ଏବେ ! ନିଜ ପୁଅ ବୋହୂଙ୍କ ଦ୍ୱାରା ଉପେକ୍ଷିତ ହୋଇ ଝିଅ ଆକାଂକ୍ଷା ପାଖରେ ଜୀବନର ଶେଷ ସମୟତକ ଶାଶୁ ଶ୍ୱଶୁର ଦୁହେଁ ରହିବେ ବୋଲି ଆଜି ସକାଳୁ ଜଣାଇଲା ଅର୍ଣ୍ଣବ। ଏ କଥା ବି ଜଣାଇ ଦେଲା ଯେ ଏତେ ଛୋଟ ଘରେ ବାପା ମା ଙ୍କ ପାଇଁ ଆଉ ବଳକା ରୁମ୍ ନାହିଁ ବୋଲି। ଅପୂର୍ବ ବାବୁ ଗଲା ଦିନର କଥା ଭାବୁଥିଲେ। ଅର୍ଣ୍ଣବ ଯେଉଁଦିନ ଆସି ଜାଗା କିଣିବା ଲାଗି ଟଙ୍କା ମାଗିଥିଲା, ଶେଷ ପର୍ଯ୍ୟନ୍ତ ନିଜର ଗଚ୍ଛିତ ଯାହା କିଛି ଟଙ୍କା ପଇସା କାହାକୁ ଦେବେ ନାହିଁ ବୋଲି ଅପୂର୍ବ ବାବୁ ରୋକଠୋକ ଶୁଣାଇ ଦେଇଥିଲେ। କାରଣ ପୁଅ ଓ ବୋହୂ ଆକାଂକ୍ଷା ଙ୍କର ହାବଭାବରୁ ସେ ସେମିତି କିଛି ଆଭାସ ପାଇଥିଲେ। ସେଇତକ ପଇସା ବି ବାକିତକ ଜୀବନ କୁ କଟାଇବା ପାଇଁ ଏକମାତ୍ର ସମ୍ବଳ ଥିଲା ! ନିଜ ଚାକିରି କାଳ ଭିତରେ ଭୁବନେଶ୍ୱରରେ ଖଣ୍ଡେ ଜାଗା କିଣି ପାରିନଥିବାରୁ ପତ୍ନୀ ତାଙ୍କୁ କେତେଥର ଛିଗୁଲେଉଥିଲେ। ପୁଅ ବାହାଘର କଲେ ବୋହୂକୁ ରଖିବାକୁ ଘର ଖଣ୍ଡେ ତ ଦରକାର ବୋଲି କେତେଥର ଚେତେଇ ଦେଉଥିଲେ ଅଳକା । ସାଧାରଣ ସରକାରୀ ଚାକିରୀରେ କେତେ ଅବା ପଇସା ସେ ରଖି ପାରିଥାନ୍ତେ। ଦୁଇଟି ଝିଅ ଏବଂ ଗୋଟିଏ ପୁଅକୁ ପାଠ ପଢେଇବା ସହିତ ସମସ୍ତଙ୍କର ବାହାଘର ପରେ ଅପୂର୍ବ ବାବୁଙ୍କ ପାଖରେ ସେମିତି କିଛି ବେଶୀ ପଇସା ନଥିଲା। ଅଳକା କିନ୍ତୁ ପୁଅର ଜିଦି ଆଗରେ ବିବଶ ହୋଇ ପଡିଥିଲେ। 'ପୁଅ, ବୋହୂ,ନାତି, ନାତୁଣୀ ଙ୍କ ସହିତ ଖୁସିରେ ଆମେ ସମୟ କଟେଇବା। ନହେଲେ ଭବିଷ୍ୟତରେ ବନ୍ଧୁ ବାନ୍ଧବ ସମସ୍ତେ ହିଁ ଆମ ଦୁହିଁଙ୍କୁ ଦୋଷଦେବେ' ବୋଲି ସ୍ୱାମୀଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ।

– 'ହେଲେ ପୁଅ ବୋହୂ ଦୁହେଁ ଚାକିରି କରୁଛନ୍ତି। ସେମାନେ ତାଙ୍କ ପଇସାରେ କିମ୍ବା ଲୋନ ଆଣି କ'ଣ କରିବା କଥା କରନ୍ତୁ। ମୁଁ ଦେଇ ପାରିବି ନାହିଁ ' ର ଜିଦି ଶେଷକୁ ଅପୂର୍ବ ବାବୁ ଭାଙ୍ଗି ଦେଇଥିଲେ ପତ୍ନୀଙ୍କ ମାତୃସୁଲଭ ଯାଚନା ଆଗରେ। କିଣିଥିବା ଜାଗାରେ ଘର ତିଆରି ପାଇଁ ପଇସା ବି ଦରକାର ।ମା ପୁଅଙ୍କ ଜିଦି ଆଗରେ ଅପୂର୍ବ ବାବୁ ଆଉଥରେ ଝୁଙ୍କିବାକୁ ବାଧ୍ୟ ହୋଇଥିଲେ। ଗାଆଁ କୁ ଯାଇ ବଡଭାଇଙ୍କ ଠାରୁ ନିଜ ଭାଗ ଜାଗା ମାଗିବାକୁ ସ୍ଥିର କରିଥିଲେ।

ପିଲାଦିନୁ ବାପଛେଉଣ୍ଡ ସାନଭାଇକୁ କେତେ ଯେ ଦୁଃଖକଷ୍ଟରେ ବଡଭାଇ ପାଳିପୋଷି ମଣିଷ କରିଥିଲେ ସବୁ ତାଙ୍କ ଆଖି ଆଗରେ ନାଚି ଯାଉଥିଲା। କଣ୍ଠ ରୁଦ୍ଧ ହୋଇ ଆସୁଥିଲା। ପାଦତଳେ ଯେମିତି ଭୂମିକମ୍ପ ହେଉଥିଲା। ତଥାପି ନିଜ ପତ୍ନୀ ଏବଂ ପୁଅବୋହୂଙ୍କ ରଚିତ ଅଶାନ୍ତ ବାତାବରଣ ରୁ ରକ୍ଷା ପାଇବା ପାଇଁ ସେ ଭାଇଙ୍କ ଆଗରେ ଦୃଢ ହେବାପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ। ହେଲେ ଦୃଷ୍ଟି ଥିଲା ତଳକୁ। ବଡଭାଇଙ୍କ ଆଖିରେ ଆଖି ମିଶେଇ ପାରୁ ନଥିବା ଭାଇର ଅସହାୟତାକୁ ବୋଧହୁଏ ବୁଝି ପାରିଲେ ପିତୃପ୍ରତିମ ବଡଭାଇ। ଦାବି ମୁତାବକ ଘରଡିହର ଭାଇଭାଗ ପରିମାଣ ଦେବା ପାଇଁ ଦୁଇଦିନ ସମୟ ମାଗିଥିଲେ ଭାଇ। ଠିକ୍ ଦୁଇ ଦିନର କଣ୍ଟ ପୁରିବା ପୂର୍ବରୁ ପ୍ରଚଣ୍ଡ ରୌଦ୍ରକୁ ଖାତିରି ନକରି ଆସି ପହଞ୍ଚିଲେ ଭାଇ। ସାନଭାଇ ହାତରେ ଧରେଇ ଦେଇଥିଲେ ଟଙ୍କାତକ ଏବଂ ଏକମୁହାଁ ହୋଇ ବାହାରି ଯାଇଥିଲେ ଗାଁ କୁ। ଗୋଟିଏ ଟ୍ରାକ୍ଟର, ସ୍ୱର୍ଗତା ଭାଉଜ ଏବଂ ବୋହୂମାନଙ୍କର ଗହଣାପତ୍ର ବିନିମୟରେ ଭାଇ ଏ ଟଙ୍କା ଯୋଗାଡ କରିଥିଲେ ବୋଲି ଗାଁ ର ଜଣେ ଚିହ୍ନା ଲୋକ ଖବର ଦେଇଥିଲେ। ପରଦିନ ସକାଳକୁ ବଡଭାଇଙ୍କ ଦେହାନ୍ତ ଖବର ମିଳିଲା ଅପୂର୍ବ ବାବୁଙ୍କୁ। ମର୍ମାହତ ଭାଇ ଏତେ ଦୁଃଖ ସହି ପାରିନଥିଲେ ବୋଧହୁଏ। ହୃଦଘାତରେ ଚାଲିଗଲେ ଅଫେରା ରାଇଜକୁ। ଭାଇ ନଥିବା ଘରକୁ ଯାଇ ଆଉ ଲାଭ କ'ଣ ! ସେଇଠି ଆଉ ମୁହଁ ଦେଖେଇବାକୁ ସାହସ ନଥିଲା ।ଆହତ ଅଭିମାନରେ ଗୁମୁରି ଉଠୁଥିଲେ ଅପୂର୍ବ ବାବୁ। ସେ ହିଁ ତ ଭ୍ରାତୃହନ୍ତା। ହେଲେ ଅର୍ଣ୍ଣବ ଓ ବୋହୂ ଯେମିତି ଟାକି ବସିଥିଲେ ।ଡାହାଳ କୁକୁର ପରି ଝାମ୍ପି ନେଇଥିଲେ ଟଙ୍କାତକ ।ଘର ତୋଳା ବି ସରିଗଲା। ହେଲେ ସେ ଜାଗାକୁ ଥରକ ପାଇଁ ଯାଇ ନଥିବା ଅପୂର୍ବ ବାବୁ ଗୃହ ପ୍ରତିଷ୍ଠା ଦିବସରେ ଦେହ ଭଲ ଲାଗୁ ନାହିଁ ଏବଂ ଏତେ କୋଳାହଳକୁ ଯିବାକୁ ଇଚ୍ଛା ନାହିଁ ବୋଲି କହି ଗଲେ ନାହିଁ। ପତ୍ନୀ ଅଳକା ଏକା ଯାଇ ଫେରିଲେ।

କେତେଜଣ ସାଙ୍ଗସାଥୀ ସହକର୍ମୀ ମାନଙ୍କ ମେଳରେ କିଛି ସମୟ କୌଣସି ମତେ କଟାଇ ଛାତିରେ କୋହ ଚାପି ଘରକୁ ଫେରିଲେ ଅବସରପ୍ରାପ୍ତ କର୍ମଚାରୀ ଅପୂର୍ବ ବାବୁ।ଏ ସରକାରୀ ଭଡାଘରକୁ ନିଜ ଘର କହିବାକୁ ଆଉ ଯୁ ନାହିଁ। ଗେଟ୍ ପାଖରେ ସହକର୍ମୀ ଦୁଇଜଣ ଛାଡି ଦେଇଗଲେ। ଗେଟ୍ ପାଖରେ ଡାଲା ଥିବା ଏ ଗାଡି ଆଣି କିଏ ଥୋଇଛି ! ବିସ୍ମୟ ସୂଚକ ଆଖିରେ ଥରେ ସେ ଗାଡି ଉପରକୁ ନଜର ପକେଇଲେ। ଡ୍ରାଇଭର ଚିହ୍ନା ବୋଲି ଲାଗୁଛି। ତଥାପି ଆଖି ଫେରେଇ ଘର ଆଡକୁ ଚାହିଁଲେ ତ ପଛଆଡୁ ଶୁଭିଲା ' ଛୁଆବାପା' ।ଆରେ ଏ ତ 'ଆନନ୍ଦ' ର ସ୍ୱର ।କ୍ଷଣିକେ ଅଟକି ଗଲେ ଅପୂର୍ବ ବାବୁ। –'ଚାଲ ଛୁଆବାପା ଭାଇ ଭିତରେ ଅଛି ' ପାଦ ଛୁଇଁବା ଭିତରେ କହିଲା ଆନନ୍ଦ। ବଡଭାଇ ଙ୍କ ଦୁଇ ପୁଅ ଆକାଶ ଓ ଆନନ୍ଦ ପ୍ରାୟ ଦୁଇ ବର୍ଷ ପରେ ଆସିଛନ୍ତି। ଖୁସିରେ ଯେମିତି ଦ୍ରବୀଭୂତ ହୋଇ ଯାଉଥିଲେ ଅପୂର୍ବ ବାବୁ। ସବୁ ଦୁଃଖର ପରିସମାପ୍ତି ଏଇଠି ହୋଇ ଯିବକି ! ଘରେ ପାଦ ଦେଉଁ ଦେଉଁ ଆଉ ଦୁଇ ଯୋଡା ହାତ ଆସି ପାଦ ଛୁଇଁଲା। ଦୁଇ ଭାଇଙ୍କୁ ଏକାଥରେ କୁଣ୍ଡାଇ ଧରିଲେ ଅପୂର୍ବ ବାବୁ ।କଣ୍ଠ ବାଷ୍ପରୁଦ୍ଧ। 'ମୋ ପିଲେ..' ଉଚ୍ଚାରଣ କରି ପାରିଲେ ବହୁ ଚେଷ୍ଟା କରି ।ଭିତରୁ ପତ୍ନୀଙ୍କର କଇଁ କଇଁ କାନ୍ଦ ଶବ୍ଦ ଶୁଣି ପାରିଲେ ଅପୂର୍ବ ବାବୁ।

–' ଛୁଆବାପା, ଆଜି ରାତି ସୁଦ୍ଧା ଜିନିଷପତ୍ର ବନ୍ଧାବନ୍ଧି କାମ ସାରିଦେବା । କାଲି ସକାଳୁ ଆମେ ବାହାରିଯିବା ହେଲା। ସେଥିପାଇଁ ଆମେ ଏକା ଥରକେ ଗାଡି ନେଇ ଆସିଛୁ।' ଆକାଶ ର କଥା ଶୁଣି ଅପୂର୍ବ ବାବୁ ଯେମିତି କିଂକର୍ତ୍ତବ୍ୟବିମୂଢ ହୋଇ ଠିଆ ହୋଇଥିଲେ । କ'ଣ କହିବେ କ'ଣ ନକହିବେ ବୋଲି ଭାବୁଥିଲେ ବୋଧହୁଏ।

–' ଛୁଆବୋଉ ଫୋନ୍ କରିଥିଲେ ।ଆମେ ତାଙ୍କଠାରୁ ସବୁ ଶୁଣି ସାରିଛୁ। ତୁମେ ବ୍ୟସ୍ତ ହୁଅନାହିଁ ଛୁଆବାପା ।ଆମେ ତ ତୁମ ପାଖରେ ଅଛୁ। ବାପା ବୋଉ ଆମକୁ କେତେଥର ଗୋଟିଏ କଥା କହୁଥିଲେ। ' ଛୁଆବାପା ତୁମର ଭାରି ସାଧାରଣ। ନିର୍ମାୟାଟା। ସେ ଆମର ବଡପୁଅ ।ତା ମନରେ କେବେ ଦୁଃଖ ଦେବ ନାହିଁ ।ତା ଅସୁବିଧାରେ ତୁମେ ଦୁହେଁ ଠିଆ ହେବ'। ଆକାଶ ଆଖିରେ ଲୁହ ଟଳମଳ କରୁଥିଲା।

–' ବାପା ବୋଉ ତ ନାହାନ୍ତି। ତୁମେ ଦୁହେଁ ଘରେ ରହିଲେ ଆମକୁ ଆଉ ବାପା ମା ଛେଉଣ୍ଡ ବୋଲି ଲାଗିବ ନାହିଁ ।ତୁମର ଦୁଇ ବୋହୂ,ନାତି ନାତୁଣୀ ମାନେ ତୁମ ବାଟ ଚାହିଁ ରହିଛନ୍ତି ଛୁଆ ବାପା' – କହିଲା ଆନନ୍ଦ। ଭିତର ଘରୁ ଆହୁରି ଜୋରରେ କାନ୍ଦ ଶୁଭୁଥିଲା। ଅପୂର୍ବ ବାବୁ ସବୁକିଛି ବୁଝି ସାରିଥିଲେ ସେତେବେଳକୁଙ୍କ!!!

ଠିକ୍ ସମୟରେ ଗାଡି ପହଞ୍ଚି ଯାଇଥିଲା ଗାଆଁରେ। ଦୁଇ ବର୍ଷ ପରେ ସତେ ଯେମିତି ଉତ୍ସବ ଟିଏ ପାଳନ ହେଉଛି ଘରେ। ସମସ୍ତଙ୍କ ମୁହଁରେ ଖୁସିର ତରଙ୍ଗ ଖେଳି ଯାଉଛି ।ଆମ ଜେଜେ, ଜେଜେମା କହି ତିନୋଟି ଯାକ ଛୁଆ ଲୋଟି ପଡିଲେଣି ସେମାନଙ୍କ ଉପରେ । ଓଃ, କି ଶାନ୍ତି ! କାଖେଇ, କୁଣ୍ଡେଇ ଗେଲ କରି ଅଳକା ସତେକି ହଜି ଗଲେଣି ସେ ଯାତରେ ।ବଡବୋହୂ ପାଦ ଛୁଇଁ ଉଠୁ ଉଠୁ ତାଗିଦ୍ ଗଲା ପିଲା ମାନଙ୍କୁ –'ଜେଜେ, ଜେଜେ ମାଙ୍କୁ ଏବେ ଟିକେ ବସିବାକୁ ଦିଅ। ଏମିତି କାହିଁକି ହେଉଚ୍। ଏଇଠି ସେ ଏବେ ତୁମ ମାନଙ୍କ ପାଖରେ ରହିବେ।'

ଅପୂର୍ବ ବାବୁ ନିରେଖି ଦେଖିଲେ ବାଡି ପଟକୁ। ଆକାଶ ବୋଧହୁଏ ବୁଝିଗଲା ତାଙ୍କ କଥା। –' ଆମେ ପୁରୁଣା ମାଟି ଘର ଜାଗାରେ ଚାରି ବଖରା କୋଠାଘର କରିଛୁ। ହେଲେ ବାପା ରହୁଥିବା ସେଇ ଘରକୁ ଆମେ ଭାଙ୍ଗି ନାହୁଁ। ବାପା ନାହିଁ କରିଥିଲେ ସେ ଘର ଭାଙ୍ଗିବା ପାଇଁ। ସେଇ ଘରେ ଖାଲି ଖଟଟିଏ ପଡିଛି । ପିଲାମାନେ ସେଇଠି ପଢାପଢି କରନ୍ତି କିମ୍ବା ଖେଳନ୍ତି ।' ସେଇ ଘର ଆଡକୁ ଚାଲିଲେ ଅପୂର୍ବ ବାବୁ।

–' ଜାଣିଲୁ ଆକାଶ,ଏଇ ଘରେ ଆମ ଦୁଇ ଭାଇଙ୍କର ଜନ୍ମ। ଦେଖୁନୁ ବୋଉ ତିଆରି କରିଥିବା ଦୁଇଟି ଯାକ ଷଠୀଘର ଏବେବି ଅତୁଟ ଅଛି ।ଏଇ ଘରେ ହିଁ ମୁଁ ରହିବି। ପିଲାମାନଙ୍କ ସାଙ୍ଗରେ ଖେଳିବି, ସେମାନଙ୍କୁ ପାଠ ପଢେଇବି, ମୋ ସମୟ ଖୁସିରେ କଟିଯିବ।'

–' ନା, ଛୁଆ ବାପା। ସେଇ ପଟ କୋଠାଘରେ ତୁମେ ରହିବ। ସେଇ ଘରଟା ଟିକିଏ ବଡ ଅଛି, ଝର୍କା ସେପଟେ ବଗିଚା ଟା ଅଛି। ତୁମକୁ ଭଲ ଲାଗିବ। ତୁମେ ଏ ମାଟିଘରେ ର ?ହିଲେ ଲୋକେ କ'ଣ କହିବେ ? ସେଇ ଘରଟିକୁ ତୁମ ପାଇଁ ଆମେ ଠିକ୍ କରି ରଖିଛୁ। '

–' ବାବୁରେ ! ଯେଉଁଦିନ ଭାଇଙ୍କ ସାମ୍ନାରେ ଠିଆ ହୋଇ ମୁଁ ମୋର ହକ୍ ଦାବି କରିଥିଲି, ସେଇଦିନ ହିଁ ଗାଁ ଲୋକେ ମୋତେ କୁତ୍ସିତ ଦୃଷ୍ଟିରେ ଦେଖିଥିବେ। ସେଇଦିନ ହିଁ ମୋ ଇଜ୍ଜତ ଭୂଲୁଣ୍ଠିତ ହୋଇ ଯାଇଛି। ସେଇଦିନ ଠାରୁ ମୁଁ ଯେମିତି ନର୍କ ଯନ୍ତ୍ରଣା ଭୋଗୁଛି। ମୋତେ ଶାନ୍ତିରେ ଟିକେ ଏଇଠି ରହିବାକୁ ଦେ, ଯେଉଁଠି ମୋ ଭାଇ ରହୁଥିଲେ।'

ଭୁବନେଶ୍ୱର ରେ ସେ ଜାଗାଟା ବୋଉ ନୁହେଁ ନିଜ ସ୍ତ୍ରୀ ନାଁ ରେ ଅର୍ଣ୍ଣବ କିଣିଥିଲା ବୋଲି ଛୁଆବୋଉର ଅନୁରୋଧରେ ଆକାଶ ଆଉ ଆନନ୍ଦ ଆଉ କାହା ଆଗରେ କହିନାହାନ୍ତି। ଘର ପ୍ରତିଷ୍ଠା ଦିନ ହିଁ ଅଳକା ଦେବୀ ଏସବୁ ବିଷୟ ଜାଣି ପାରିଥିଲେ। କୋର୍ଟ ପେପରରେ ଦସ୍ତଖତ କରିଥିବା କାଗଜଫର୍ଦ୍ଦ ସବୁ ନକଲି ଥିଲା ବୋଲି ଶୁଣିଆସିଲେ ଜଣେ ବିଶ୍ୱସ୍ତ ଲୋକଙ୍କ ଠାରୁ। ହେଲେ ଅପୂର୍ବ ବାବୁ କ୍ରୋଧବଶତଃ କେତେଥର ଭୁବନେଶ୍ୱରରେ ଥିବା ସେଇ ଘରକୁ ବିକ୍ରି କରି ସେଇ ପଇସାରେ ନୂଆ ଟ୍ରାକ୍ଟର, ବୋହୂ ମାନଙ୍କ ପାଇଁ ନୂଆ ଗହଣା ଇତ୍ୟାଦି କରିଦେବା ପାଇଁ କହ ସାରିଥିଲେ। ପୁତୁରା ମାନେ କିନ୍ତୁ ଛୁଆବାପାଙ୍କୁ ବୁଝାଇ ଶୁଝାଇ ଶାନ୍ତ କରାନ୍ତି। କାରଣ ଛୁଆବାପା ଯଦି ସତକଥା ଶୁଣିବେ କାଳେ ବାପାଙ୍କ ଭଳି ଦୁଃଖରେ ମ୍ରିୟମାଣ ହୋଇ...!!

– ' ଛୁଆବୋଉ ତାଙ୍କର ସବୁ ସୁନା ଚୁଡି ଏବଂ କାନଫୁଲ କୁ ଆମକୁ ବାଧକରି ପିନ୍ଧ ?ଇ ଦେଇଛନ୍ତି ଛୁଆ ବାପା ।' ନମସ୍କାର କରି ଦୁଇ ବୋହୂ ଉଠିଲା ବେଳକୁ ସେଦିନ କହିଲା ସାନବୋହୂ । ଅପୂର୍ବ ବାବୁଙ୍କ ମୁହଁରେ ବହୁତ ଦିନ ପରେ ଯେମିତି ଖୁସିର ଝଲକଟିଏ ଖେଳିଗଲା....!!!

କୁଞ୍ଜବିହାରୀ ଲେନ, କଟକ
ମୋ:୯୪୩୮୧୭୫୫୪୨

## ଅବ୍ୟକ୍ତ ବୃତ୍ତାନ୍ତ

ସୁଧାକର ରାଉତ



ନୀରବତା ଗଛେ ପକ୍ଷୀଟିଏ ହୋଇ
କେତେ ବା ଡେଣା ଝାଡିବି
ପକ୍ଷ ଦୁଇ ଟାଣେ ଆଉ କେତେ ଦିନ
ସୂର୍ଯ୍ୟ ଙ୍କୁ ଚାହିଁ ଉଡିବି।
ଝଡ଼ ବତାସରେ ମୋ ଆକାଶ ପୂର୍ଣ୍ଣ
କେଉଁଠି ଆଶ୍ରା ଖୋଜିବି
ଚାରିଆଡେ ଶୁଭେ ନିଃସଙ୍ଗତା ସ୍ୱର
କାହିଁକି ଏକା ରାବିବି।
ଏ ଗଛ ଡାଳରେ ଲକ୍ଷ ଲକ୍ଷ ଶବ୍ଦ
ନିତି ଯାଆନ୍ତି ମିଳାଇ
ମୋ ସ୍ୱରର ଭାଷା କେ ଅବା ବୁଝିବ
କାହିଁ କରିବି ବଡାଇ ।
ମୋହଗ୍ରସ୍ତ ମନ ନିଆଁ ଫୁଲ ଠାରୁ
ପାନ କରିଣ ମଦିରା
ଉନ୍ମାଦନା ଭରି ସାରା ଆକାଶକୁ
ବୁଲି ଭାବଇ ଅଧୁରା ।
ଗୋଲାପୀ ନିଶାରେ ଭରି ମୋ ସପନ
ଅନେକ ରାତି ଖୋଜିଛି
ହତାଶା ର ଜୋସ୍ନା ଭିତରେ ଥାଇବି
ଜହ୍ନ ଆଲୁଅ ପାଇଛି ।
ଡେଣାର ଛାଇରେ ଆତ୍ମ ହରା ହୋଇ
ଧରାକୁ ସରା ମଣିଛି
ପ୍ରତାରଣା ବୃକ୍ଷ କଅଁଳ ପତରେ
ନିଜକୁ ନିଜେ ଭୁଲିଛି ।
ବିଦ୍ରୁପ ସ୍ୱରର ଅସଂଖ୍ୟ କ୍ଷତକୁ
ଧୋଇଛି ନୂଆ ସକାଳ
ଏବେ କ୍ଷୀଣ ତନୁ ସାମାନ୍ୟ ପବନେ
ଭାବେ ଆସିଲା ଅକାଳ
ମୁଠାଏ ମୁଠାଏ ସପନ ସବୁକୁ
ଲୁଚାନ୍ତି ଛାଇ ଆଲୁଅ
ମୁକ୍ତି ଅନ୍ୱେଷଣେ ଏବେବି ପ୍ରତୀକ୍ଷା
ରତ ମୋ ଜୀବନ ସୁଅ ।

ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

## ମନେପଡ଼ ଗାଁ କଥା

ରମାକାନ୍ତ ଦାସ



ମନେପଡେ ମୋ ଗାଁ ମାଟିର ମହକ
ପିଲାଦିନ ଦାଣ୍ଡଧୂଳି ଖେଳ
ମନେପଡ଼ ମାଆର ପଣତକାନି
ମମତା ଭରା କୋଳ ॥
ମନେପଡେ ଆମ୍ବତୋଟା ବିଲବଣ
ଅପଶୋରା ପିଲାଦିନ
ମନେପଡେ ବାପାଙ୍କର ମିଠାଗାଳି
ବାପାଙ୍କର ସ୍ନେହ ,ଶାସନ ॥
ମନେପଡେ ଅଝଟିଆ ପିଲାବେଳ
ବୁଢ଼ୀ ଅସୁରୁଣୀ ଗପ
ମନେପଡେ ଗାଁ ସାଙ୍ଗସାଥୀ ମେଳ
ଚିହ୍ନା ପୋଖରୀର ତୁଠ ॥
ମନେପଡେ ବୁଢ଼ା ବରଗଛର ଓହଳ
କୋଇଲିର କୁହୁତାନ
ମନେପଡେ ମାଆର ମିଠା ମିଠା ଗାଳି
ରାଗ ,ରୁଷା ,ମାନ ଅଭିମାନ ॥
ମନେପଡେ ମୋର କାଗଜ ଡଙ୍ଗା
ବେଙ୍ଗୁଲି ରାଣୀର ଡାକ
ମନେପଡେ ଶ୍ରାବଣର ପହିଲି ବରଷା
ମୋ ଗାଁ ଭିଜା ମାଟିର ମହକ ॥

ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ – ୯୬୭୮୮୧୫୩୬୯

## ଆଉ ଲେଖିବିନି ଜମା



ନିରଞ୍ଜନ ସାହୁ

ଲେଖାଲେଖି ଏବେ ଛାଡିଦେବି ମୁହିଁ
ତହିଁରେ ଅଛି କି ଲାଭ
କାଗଜ ସହିତ କଲମ ଏବେ ତ
କରି ପାରୁନାହିଁ ଭାବ ।
ସମୟ ସରିଛି କାଗଜ ସରିଛି
ସରିଅଛି ପୁଣି କାଳି
ଅର୍ଥ ସରିଅଛି ମୁଣ୍ଡ ଘୁରିଅଛି
ଲଭିଅଛି ତାଳି , ଗାଳି
ଅଥଳ ଜଳରେ ଟଳମଳ ହୁଏ
ମୋହରି ସଂସାର ନାବ ।
ଲକ୍ଷ୍ମୀ ସରସ୍ୱତୀ ସଉତୁଣୀ ବୋଲି
ପୁରାଣ କୁଆଡେ କହେ
ସରସ୍ୱତୀ କୃପା ମିଳେ ସିନା ମୋତେ
ଲକ୍ଷ୍ମୀ ମୋ ସଂସାର ଦହେ
ସମୟ ଏମିତି ଆସିଯିବ ମୋତେ
କାହିଁ ନ ମିଳିବ ଠାବ ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ , ମୋ : ୯୯୩୮୭୪୧୫୮୩

## ଦୃଶ୍ୟାନ୍ତର

ସଂଜୀବ କୁମାର ଦାଶ



କୁରୁଳେଇ ଦଉଛି,
ଶିରି ଶିରି ଉତ୍ତରା ପବନ,
ଥର ଥରା ମୁଲକ, ନିଃସଙ୍କୁଚ,
ଆରମ୍ଭିଛି,ନିର୍ମମ ପତ୍ରଝଡା ପର୍ବ,
ଶୁଖିଲା ଧରୁଛି କୁଞ୍ଚିତ ଚର୍ମ,
ଦୃଶ୍ୟମାନ,ମଳିନ କର୍କଶ ଛାପ,
ହଜିଛି,କାଶବନର ଉଲ୍ଲାସ,
ଆଉ ଶେଫାଳୀ ସୁଗନ୍ଧ,
ତଥାପି ସେପଟେ ହସୁଛି,
ଫିକା ନୀଳାକାଶ ତଳେ,
ସୋରିଷଫୁଲ ର ସୁନାଖେତ,
ବିଡ଼ା ବିଡ଼ା ଧାନ୍ୟଲକ୍ଷ୍ମୀ, ଘର ଅମାର...
ଜାଡ଼ବିତସ୍ପୃହ ମନଗହନର ଅନତି
ଦୂରରେ ଆଙ୍କିଛି କେ,
ନୂତନ ସୃଜନୀ,
ଭବ୍ୟତା ର ସମାନ୍ତର ରେଖା,
ଅବଶୋଷର ପେଟରା ଭିତରୁ
କିଞ୍ଚିତ ଖୁସିର ଖୋରାକ ,
ଅରମା ଖାଦାନରେ ଅକସ୍ମାତ,
ଯେହ୍ନେ ହୀରା ର ଝଲକ....
କମ୍ବଳର ନିବିଡ଼ ଉଷ୍ମତାକୁ ଜାବୁଡି ଧରି,
ପିଇ ଯାଉଛି ସେ ତନ୍ଦ୍ରାଳସ,
ନିରୋଳା ନିଶିଥର ସ୍ୱପ୍ନ ସବୁ,
ବିଜନ ନିଦ୍ରାକୋଳ ରେ ଡୁବିଯିବ କାଳେ
ଦୁନିଆଁ ର ଯାବତ ଅବକ୍ଷୟମାନ ମନସ୍ତତ୍ୱ,
ବିକଳରେ ବାରଣ କରୁଛି,
ପାହାନା ରେ ରାତି,
ଅନ୍ଧାରର ଏ ସାଦର ସମ୍ବେଦନା,
ଲଭିବାକୁ ଅଛି, କେତେ ଯେ ବାକି...
ବାଜିଲାଣି, ଅତନ୍ଦ୍ର ଅବଚେତନାର ସୁର,
ହୃଦୟର କବାଟ ପିଟୁଛି, ଚତୁର୍ଥ ପ୍ରହର,
କାୟାଛାୟା ମଣି ସୁଖଦୁଃଖ,
ଜୀବନତମାମ ଚାଲିବାକୁ ତ ହେବ
ଥକାହୀନ ବାଟ,
ଭେଦିବାକୁ ବେଦନାକ୍ତ ଗିରିସଙ୍କଟ,
ଲଙ୍ଘିବାକୁ ନିରାଶାର ମରୁବାଲି,
ଅନ୍ଧାରି ନିଶାର ମହକ ତେଜି,
ଦେଖିବାକୁ ହେବ ଅଗଣାରେ,
ସକାଳର ଧାର ଧାର ଆଲୁଅ,
ତା' ଭାବାବେଶ ଏଥରକ କହୁଛି,
ଜଲଦି ପାହିଯାଆ ରାତ୍ରି....

ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ
ଦେବଗଡ ମହାବିଦ୍ୟାଳୟ
ମୋ ୯୪୩୭୭୩୯୫୭୭

## ତୁମରି ଛବି ରେ ତୁମେ ...

କଲ୍ୟାଣୀ



ଜୀବନ ର କିଛି ଅଭୁଲା ସ୍ମୃତି
ଆଜି ଆଖି ଓ ମନ ରେ ଜମେ
ସେ ସ୍ମୃତି ରେ କାହିଁ ପ୍ରାଞ୍ଜଳ ରେ ଦିଶ
ତୁମରି ଛବି ରେ ତୁମେ .....
ଛବି ପରି ତୁମେ ଟିକେ ଦୁଷ୍ଟ ଆଉ
ସାଧାସିଧା ପ୍ରଜାପତି
ଫଗୁଣ ରେ ତୁମେ ରଙ୍ଗ ର ମେଳଣ
ଶ୍ରାବଣେ ସୁରିଲା ଗୀତି ....
ଜୀବନେ ତା ମୋର ଆସ ନାହିଁ ତୁମେ
ସପନ ରେ ଯାଅ ଆସି
ନିଠେଇ ଦେଖିଲେ ତୁମରି ଛବି କୁ
ତୁମେ ଖାଲି ଯାଅ ଦିଶି ....

## କଳଙ୍କ

ପ୍ରଶାନ୍ତ କୁମାର ନାଥ



କିଏ ସେ ବୋଲିଲା କଳଙ୍କ କାଳିମା
ତୋଫା ଜହ୍ନ ଦେହେ ଆଣି
ତା ମନରେ ନାହିଁ ଟିକିଏ ତ ମ୍ଳାନ
ସ୍ୱଚ୍ଛ ଜ୍ୟୋସ୍ନା ଦିଏ ବୁଣି।
ନିଜେ କଳଙ୍କିତ ତଥାପି ସେ ସ୍ୱଚ୍ଛ
ରାତି ଅନ୍ଧାରକୁ ଜିଣି
ସରଳ ସ୍ୱଭାବ ? ପରସି ଦିଏ ସେ
ମିଠା ମିଠା ଜ୍ୟୋସ୍ନା ଛାଣି।
କିଏ ସେ କିଣୁଛୁ କଳଙ୍କ କାଳିମା
ଦେହ ବଜାରରେ ନିତି
ସତେ କ'ଣ ଇଏ ମନ ଦିଆ ନିଆ
ହୃଦୟରେ ଥାଏ ପ୍ରିତି।
ସମାଜକୁ ସୁସ୍ଥ କରିବାକୁ ବେଶ୍ୟା
କଳଙ୍କକୁ ହୁଏ ବ ?ଳି
ନିନ୍ଦା ଅପବାଦ ସମାଜ ମୁଖରେ
ଭରି ରହିଥାଏ ଗାଳି।
ପଙ୍କିଳରୁ ଜାତ ପଙ୍କଜକୁ ଦେଖ
କେଡେ ସୁନ୍ଦର ତା ରୂପ
ନୁହେଁ କଳଙ୍କିତ କିବା ଅଭିଶାପ
ନାହିଁ ତା'ର ଅନୁତାପ।
ପଙ୍କରେ ରହି ସେ ପସ୍ଫୁଟିତ ହୁଏ
ଦେହକୁ ଯତନେ ଧରି
ଦେହ ମନ ତା'ର ପବିତ୍ରତା ଥାଏ
ଆପଣାକୁ ଦୃଢ଼ କରି।
ଗଙ୍ଗା ଗୋଦାବରୀ
କେତେ ପାପ ଧୋଇ
ଅଛନ୍ତି ପବିତ୍ର ହୋଇ
ପାରିନି କଳଙ୍କ ତା ଦେହକୁ ଛୁଇଁ
ପ୍ରତିକ୍ଷଣେ ବୁଡ଼ ଦେଇ॥

(ଜୁଣଗଡି) ରାଜନଗର କେନ୍ଦ୍ରାପଡ଼ା।

## ମିଛେଇ ମାଆ

ରମେଶ ଚନ୍ଦ୍ର ନାୟକ



ମିଛେଇ ମାଆଟା ମିଛ କହି କହି
ଭୁଲାଇଛି ମୋତେ କେତେ
ଶରଗ ଶଶୀକୁ ଦେଖାଇ କହିଛି
ଆଣିଦେବ ମୋର ହାତେ॥

ଖାଇଦେ ଜଲଦି ବାଘ ଲୁଚିଅଛି
ବାଡି ପଟ ବୁଦା ମୂଳେ
ବାଘକୁ ଦେଖିବି ଜିଦି ମୁଁ ଧଇଲେ
ବିଲେଇକୁ ଦିଏ କୋଳେ॥

ଆଉ ଦି'ଇ ଗୁଣ୍ଡା ଅଜା ଆଇ ପାଇଁ
ଧନ ତୁ'ରେ ଖାଇ ଦିଏ
ବାପାଙ୍କ ସାଥିରେ ବୁଲିଯିବା ପରା
ବଜାରକୁ ମାଆ କୁହେ॥

ଶୋଇବା ବେଳରେ ଅଝଟ କରିଲେ
ବାୟା ଭୂତ କଥା କହୁ
କାନ୍ଥରେ ଛାଇକି ଦେଖାଇ ତୁ କହୁ
ଦୁଷ୍ଟ ହେବୁ ନାହିଁ ଆଉ॥

କାହା ବାଡି ଗଛୁ ପିଜୁଳି ଖାଇଲେ
କହୁ ପୁଅ ଗିନି ସୁନା
ବାପା ରାଗ କଲେ ବୁଝାଇ ତୁ କହୁ
ପୁଅ ମୋ ଧାର ଧାରେନା॥

ମୁଁ ପରା ତୋ'ର ଅମୂଲ୍ୟ ସମ୍ପଦ
ଢାଙ୍କି ରଖୁ କାନି ମେଲି
ଅସୁସ୍ଥ ବେଳରେ ସେବା କରୁ ମୋର
ନିଜ ଦେହ କଥା ଭୁଲି॥

ଯାହା ମୁଁ କହିବି ତାହା ଆଣି ଦେବୁ
ପାଠ ପଢା ଦେଲେ ସାରି
ପାଠ ପଢି ଆଜି ବଡ଼ ମୁଁ ହୋଇଛି
ତୋ' କଥା ଦେଲୁ ପାଶୋରି॥

ବାଳ ପାଚିଲାଣି ମିଛ ଛାଡିଲାନି
ପୁଅ ପାଇଁ କାନ୍ଦେ ପ୍ରାଣ
ନିଜେ ଅଧା ଖାଇ ରଖେ ପୁଅ ପାଇଁ
ସୁଆଦ କେତେ ତିଅଣ ॥

ମିଛ କଥା କହି ଭଣ୍ଡାଇଛୁ ମୋତେ
ଥରେ ନୁହଁ ଶତ ଥର
ତୋ' ମିଛ କାହାଣୀ ଧରା ପଡିଗଲେ
ଲାଜ ମୁହେଁ ହସ ଝର॥

ମିଛେଇ ମାଆର ମିଛ ଶୁଣି ଶୁଣି
ହେଲିଣି ମୁଁ ଏତେ ବଡ଼
ଏବେ ଯଦି ମାଆ ମିଛ କହି ଦିଏ
ନାତି ହୁଏ ଗର ଗର॥

କେଶରପୁର , ବକ୍ସି ବଜାର , କଟକ
ମୋ : ୭୯୭୮୧୫୧୭୧୦

# ଯୋରନ୍ଦା ମେଳା@ ଓଡିଶାର ମହିମା ଧର୍ମ


ସୁଷମା ପରିଡା

ଆଜି ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ରେ ବିଶ୍ୱ ପ୍ରସିଦ୍ଧ ମହିମା ମେଳା । ଫାଲଗୁନୀ ଶୁକ୍ଳ ଚତୁର୍ଦ୍ଦଶୀ ତିଥି , ଏଇଟି ମହିମା ଧର୍ମର ପ୍ରବର୍ତ୍ତକ ଶ୍ରୀ ଶ୍ରୀ ମହିମା ଗୋସେଇଁ ଙ୍କର ମହାପ୍ରୟାଣ ତିଥି । ମହିମା ଗୋସେଇଁ ଙ୍କ ଜନ୍ମ ତାରିଖ ବିଷୟରେ ସଠିକ୍ ଭାବରେ କିଛି ପ୍ରମାଣିତ ତଥ୍ୟ ମିଳି ନଥିଲେ ହେଁ ଶୁଣାଯାଏ ଯେ ମହିମା ଗୋସେଇଁ ଅଠର ଶହ ଦୁଇ ମସିହା ରେ ହିମାଳୟ ରେ ତପସ୍ୟା କରୁଥିଲେ । ସେହି ସମୟରେ ଭାରତବର୍ଷରେ ଅନେକ ଗୁଡିଏ ଧର୍ମର ପ୍ରାଦୁର୍ଭାବ ଘଟିଥିଲା ।ସାକାର ବ୍ରହ୍ମର ଉପାସନା କରୁଥିବା ହିନ୍ଦୁ ଧର୍ମାବଲମ୍ବୀ ମାନେ ନିଜ ନିଜର ଇଷ୍ଟଦେବତାଙ୍କୁ ବିଭିନ୍ନ ପ୍ରକାର ରୂପକଳ୍ପ ଦେଇ ପୂଜା କରୁଥିଲେ ତେଣୁ ବିଭେଦ ଲାଗି ରହୁଥିଲା । ବ୍ରାହ୍ମଧର୍ମ ର ପ୍ରାବଲ୍ୟରେ ଜାତିପ୍ରଥା , କୁସଂସ୍କାର, ଅନ୍ଧବିଶ୍ୱାସ ବୃଦ୍ଧି ଯୋଗୁଁ ନୀଚ୍ଚ ଜାତିର ଲୋକମାନେ ଲାଞ୍ଛିତ ହେଉଥିଲେ ,ସାମାଜିକ ବିଭିନ୍ନତା ର ଶୀକାର ହେଉଥିଲେ। ସେଇ ଘଡିସନ୍ଧି ମୁହୂର୍ତ୍ତରେ ଏକେଶ୍ୱରବାଦ ଆଉ ନିରାକାର ବ୍ରହ୍ମର ବାର୍ତ୍ତା ନେଇ ଅଠର ଶହ ଚବିଶି ମସିହା ରେ ପୁରୀର ବଡଦାଣ୍ଡ ରେ ଉଭା ହୋଇଥିଲେ ମହିମା ଗୋସେଇଁ । ସେ କହୁଥିଲେ " ଈଶ୍ୱର ନିରାକାର, ସେ ଶୂନ୍ୟ ବ୍ରହ୍ମ, ତାଙ୍କର କୌଣସି ଆକାର ନାହିଁ, ସେ ଅଧିକାର, ତାଙ୍କୁ ବର୍ଣ୍ଣନା କରି ହେବନାହିଁ ସେ ଅନାଦି, ଅବ୍ୟକ୍ତ, କେବଳ ଧାନ କରି, ଭଜନ କରି ତା ଙ୍କୁ ଅନୁଭବ କରି ହେବ, ତାଙ୍କର କରୁଣାପ୍ରାପ୍ତି ହେବ । ତାଙ୍କର ମହିମା ରେ ଏ ବିଶ୍ୱ ବ୍ରହ୍ମାଣ୍ଡ ର ସୃଷ୍ଟି, ତାଙ୍କରି ମହିମା ରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହୋଇ ଜଗତ ପାଳନ କରୁଛନ୍ତି, ପ୍ରାଣୀ ମାନଙ୍କର ମଙ୍ଗଳ କରୁଛନ୍ତି, ସେଇ ଏକା ଆମ ସମସ୍ତଙ୍କର ମାତା,ପିତା , ବନ୍ଧୁ ସହୋଦର, ତାଙ୍କ ବିନା ଆଉ କେହି ନାହାଁନ୍ତି" । ମହିମା ଗୋସେଇଁ ଙ୍କର ଶରୀର ର ନିମ୍ନଭାଗରେ ଖଣ୍ଡିଏ ବକ୍କଳ ଆଉ ମୁଣ୍ଡରେ ତାଳପତ୍ର ଛତା ବ୍ୟତୀତ ଆଉ କୌଣସି ଆଭରଣ ନଥିଲା, ତାଙ୍କ ଅର୍ଦ୍ଧ ଉଲଗ୍ନ ଶରୀର ଧୂଳିଧୂସରିତ ହୋଇଥିବାରୁ ଲୋକେ ତାଙ୍କୁ ଧୂଳିଆବାବା ବା ଧୂଳିଆଗୋସେଇଁ ବୋଲି ଡାକୁଥିଲେ। ଏହାପରେ ସେ ଖଣ୍ଡଗିରି ଚାଲି ଆସି ସେଠାର ଗୁମ୍ଫା ରେ ବାରବର୍ଷ ଯାଏଁ ଏବଂ ତା'ପରେ ଢେଙ୍କାନାଳ ର କପିଳାସ ପାହାଡ ଗୁମ୍ଫା ରେ ବାରବର୍ଷ ଯାଏଁ କେବଳ ଫଳ ଆଉ କ୍ଷୀର ଆହାର କରି କଠିନ ତପସ୍ୟା କଲେ । ଅଠର ଶହ ବା'ଷଠି ମସିହା ରେ ସେ ପୁଣି ଖଣ୍ଡଗିରି କୁ ଆସି ଖୋର୍ଦ୍ଧା ର ଦାରୁଠେଙ୍ଗ ଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରି ପ୍ରଥମେ ସାତ ଜଣ ଭକ୍ତଙ୍କ ବକ୍କଳ ପ୍ରଦାନ କରି ଶିଷ୍ୟ ଭାବରେ ଗ୍ରହଣ କରି ଶୂନ୍ୟବାଦ ବା ଶୂନ୍ୟ ଧର୍ମ ର ପ୍ରଚାର ପ୍ରସାର ଆରମ୍ଭ କଲେ। ତାଙ୍କରି ନାମ ଅନୁସାରେ ଜନମୁଖରେ " ମହିମା ଧର୍ମ" ନାମରେ ପରିଚିତ ହେଲା। ଓଡିଶା ର ପ୍ରତ୍ୟେକ ଗାଆଁ ରେ ଧର୍ମ ର ପ୍ରଚାର ପ୍ରସାର ପାଇଁ ସନ୍ୟାସୀ ମାନେ ଶିଷ୍ୟ ମାନଙ୍କୁ ଧରି ବୁଲିଲେ। ବହୁତ ଜନାଦୃତ ହେବାକୁ ଲାଗିଲା ମହିମା ଧର୍ମ । ଏହାର ମୁଖ୍ୟ ମନ୍ଦିର ନିର୍ମିତ ହେଲା ଯୋରନ୍ଦା ଠାରେ । ସେହିଠାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାଲାଗି ମହାସଭା ଟିଏ ଗଢାହେଲା । ସେଠାରେ ପ୍ରବୀଣ ଗୁରୁ ମାନେ (ବଲ୍ ?କଳଧାରୀ) ନୂତନଭାବେ ଶିଷ୍ୟମାନଙ୍କୁ ଗ୍ରହଣ କଲେ। କ୍ରମେ କ୍ରମେ ତାଙ୍କର ଶିଷ୍ୟ ବଢିଲେ , ଶିକ୍ଷା ର ପରିସର ବଢିଲା। ଆଶ୍ରୟ ନେବାଲାଗି ଗ୍ରାମ ଜନପଦ ମାନଙ୍କରେ ଟୁଙ୍ଗୀ ବା ଛୋଟ ଚାଳିଆ ଘର ସବୁ ପ୍ରତିଷ୍ଠା ହେଲା। ଶିଷ୍ୟମାନଙ୍କୁ ମହିମାଧର୍ମର କଠୋର ବ୍ରତ ପାଳନ କରିବାକୁ ପଡେ। ଶିଷ୍ୟମାନେ ଦୁଇ ଭାଗରେ ବିଭକ୍ତ । ନୂତନ ଭାବେ ଦୀକ୍ଷା ନେଉଥିବା ଶିଷ୍ୟ ମାନେ କୌପୀନଧାରୀ ।ସେମାନେ ବକ୍କଳଧାରୀ ଗୁରୁ ମାନଙ୍କ ପାଖରେ ରହି ତାଙ୍କର ସେବା କରନ୍ତି, ଗୁରୁଙ୍କ ଠାରୁ ଜ୍ଞାନ ଆହରଣ କରନ୍ତି, କଠୋର ବ୍ରହ୍ମଚର୍ଯ୍ୟ ପାଳନ କରି ସନ୍ୟାସଜୀବନ ପାଳନ କରନ୍ତି । କୌପୀନ ବ୍ୟତୀତ କେବଳ ଦୁଇ ଖଣ୍ଡ ବସ୍ତ୍ର ରେ ଦିନ କାଟନ୍ତି । ଶୋଇବା ପାଇଁ ତିରଣ (ନଡା) ଶଯ୍ୟା ) ବ୍ୟବହାର କରନ୍ତି, ନିଜର କୌଣସି ରନ୍ଧାବଢା ର ବ୍ୟବସ୍ଥା ନଥାଏ , ଜନପଦ ରେ ଭିକ୍ଷା କରି ଆହାର କରନ୍ତି ତା'ପୁଣି ଦିନକୁ ମାତ୍ର ଦୁଇଥର। ସେମାନେ ଅନ୍ୟ ମାନଙ୍କ ଭଳି ଚାଉଳ କି ଟଙ୍କା ପଇସା ଭିକ୍ଷା କରନ୍ତି ନାହିଁ, କେବଳ ରନ୍ଧା ଖାଦ୍ୟ ପଦାର୍ଥ ହିଁ ଆହାର କରିଥାନ୍ତି ଭିକ୍ଷା ରେ। ମହିମାଧର୍ମର ସନ୍ୟାସୀ ମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ଅଲେଖ ପରମବ୍ରହ୍ମଙ୍କୁ ଦଣ୍ଡବତ ପ୍ରଣାମ ଜଣାନ୍ତି ,ଜଗତଜନଙ୍କର ମଙ୍ଗଳ କାମନା କରନ୍ତି ।" ଓଁ ଶ୍ରୀ ଅଲେଖ ପରମବ୍ରହ୍ମଣେ ଶରଣଂ " ଉଚ୍ଚାରଣ କରିବା ସଙ୍ଗେସଙ୍ଗେ " ଜଗତଜନଙ୍କର କଲ୍ୟାଣ ହେଉ" ବୋଲି କହି କହି ସାଷ୍ଟାଙ୍ଗ ପ୍ରଣିପାତ କରିଥାନ୍ତି ସାତଥର । ନୂତନ ଶିଷ୍ୟ ମାନେ ଗୁରୁଙ୍କ ସହିତ ଏବଂ ପୁରାତନ ଶିଷ୍ୟ ମାନେ ପୃଥକ୍ ପୃଥକ୍ ଭାବେ ଗ୍ରାମ ଗ୍ରାମ ବୁଲି ଧର୍ମ ପ୍ରଚାର କରିଥାନ୍ତି, କାହାରିକୁ ମୁହଁ ଖୋଲି କିଛି ମାଗନ୍ତି ନାହିଁ, ଯଦି କେହି ଗୃହୀ ଭକ୍ତ ସେମାନଙ୍କୁ ଭିକ୍ଷା ଦେବାକୁ ଚାହେଁ ତେବେ ସେମାନଙ୍କ ପାଖକୁ ଯାଇ ପ୍ରଣାମ ଜଣାଇ ଅନୁରୋଧ କରେ --

" ବାବା, ଆଜି ମୋ ଦୁଆରେ ଭିକ୍ଷା କରି ଆମ ପରିବାର କୁ କଲ୍ୟାଣ କରନ୍ତୁ " । ଦିନରେ ମାତ୍ର ଗୋଟିଏ ଗାଆଁ ରେ ଜଣକ ଘରେ ହିଁ ସେମାନେ ଦଳବଦ୍ଧ ହୋଇ ଭିକ୍ଷା କରନ୍ତି, ସେମାନେ କାହା ଓଳିତଳେ ବସନ୍ତି ନାହିଁ, ଅଗଣା କିମ୍ବା ଖଳାବାରି ଭଳି ସ୍ଥାନ ରେ ସେମାନଙ୍କର ପନ୍ତି ଭୋଜନ ହୋଇଥାଏ। ସେମାନଙ୍କ ଆସିବା ପୂର୍ବରୁ ଗୃହୀ ଭକ୍ତ ଟି ସେଇ ସ୍ଥାନ କୁ ସଫା ସୁତୁରା କରି ପାଣି ଛିନ୍ଚି କଦଳୀ ପତ୍ର କାଟି, ନୂଆ ନଡିଆଖଡିକା ସହ ସଜାଡି ରଖି ଦେଇଥାନ୍ତି, ଗରା ବା ଡାଳରେ ପାଣି ରଖି ଦେଇଥାନ୍ତି । ସେମାନେ ଦଳବଦ୍ଧ ହୋଇ ଆସେବା ପରେ ସେଇ ଅଗଣା ରେ ଅଲେଖଙ୍କୁ ଡାକ ଦିଅନ୍ତି ତା'ପରେ ତାଙ୍କ ଶିଷ୍ୟମାନେ ଗୁରୁଜନଙ୍କ ପାଦ ଧୋଇ ଦେଇ ପଢିବାରେ ବସାନ୍ତି ଏବଂ ନିଜେ ସେଇ କଦଳୀପତ୍ର ଆଉ ନଡିଆଖଡିକା ସାହାଯ୍ୟ ରେ ସୁନ୍ଦର ଭାବରେ ଥାଳି ତାଟିଆ ସବୁ ତିଆରି କରନ୍ତି । ସେମାନଙ୍କର ଆମିଷ ନିର୍ମିତ କିଛି ବାରଣ ନଥାଏ ନିଜ ନିଜର ରୁଚି ଅନୁସାରେ ଭୋଜନ କରନ୍ତି । ପଙ୍ଗତରେ ବସି ଖାଆନ୍ତି ଏବଂ ଗୃହୀ ଭକ୍ତ ପାଇଁ ପତ୍ର ଟିଏ ପକାନ୍ତି । ଖାଇ ସାରିବା ପରେ ହାତ ଧୁଆଧୋଇ ହୋଇ ପୁଣି ଥରେ ଭକ୍ତ ର ମଙ୍ଗଳ କାମନା କରି ଅଲେଖଙ୍କୁ ଡାକ ଦିଅନ୍ତି । ସାଙ୍ଗରେ ଧରି ଆଣିଥିବା ବାଡି କୁ ସାରା ପରିବାର ର ପିଲାମାନଙ୍କ ମୁଣ୍ଡରେ ଛୁଆଁଇ ଦୀର୍ଘାୟୁ ହେବାର ଆଶୀର୍ବାଦ କରନ୍ତି । ଅଲେଖଧର୍ମାବଲମ୍ବୀ ମାନେ ସୂର୍ଯ୍ୟାସ୍ତ ପରେ ଭୋଜନ କରନ୍ତି ନାହିଁ । ତେଣୁ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନଙ୍କ ଭୋଜନ ଭିକ୍ଷା ସରିଯାଏ ଆଉ କୋଉ ଗାଁ ରେ। ଗୋଟିଏ ଟୁଙ୍ଗୀରେ ସେମାନେ ଦୁଇ ଦିନ ରହନ୍ତି ନାହିଁ । ସେଥିପାଇଁ ଗାଆଁ ଗାଆଁ ବଦଳାଇ ରହନ୍ତି । ଓଡିଶା ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ସେମାନଙ୍କ ଟୁଙ୍ଗୀ ରହିଛି, କାଳକ୍ରମେ ପ୍ରତ୍ୟେକ ଟୁଙ୍ଗୀର ମୁଖ୍ୟ ମଧ୍ୟ ନିରୂପିତ ହୋଇଛନ୍ତି ଯୋରନ୍ଦା ମୂଖ୍ୟାଳୟ ଦ୍ୱାରା ।କିନ୍ତୁ ମୁଖ୍ୟ ମନ୍ଦିର ଭାବରେ ରହିଛି ଯୋରନ୍ଦା ର ଶୂନ୍ୟ ମନ୍ଦିର । ମହିମା ଗୋସେଇଁ ଙ୍କର ତିରୋଧାନ ହୋଇଥିଲା ମାଘମାସ ଶୁକ୍ଳ ଚତୁର୍ଦ୍ଦଶୀ ଦିନ , ଅଲେଖ ପରମ୍ପରା ଅନୁଯାୟୀ ତାଙ୍କର ମରଶରୀରକୁ ପେଡିଭିତରେ ସଂସ୍କାରପୂର୍ବକ ସମାଧିସ୍ଥ କରା ଯାଇଥିଲା ଆଶ୍ରମରେ ସେଇ ସ୍ଥାନରେ ଯେଉଁଠି ଗଡି ଉଠିଛି ଗାଦି ମନ୍ଦିର, ଅଖଣ୍ଡ ଧ୍ୱନି ଜଳୁଛି ଧୂନିମନ୍ଦିରରେ ସେଇ କାଳରୁ। ସେଇ ଦିନ ଟିକୁ ପାଳନ କରା ଯାଉଛି ମହିମା ଗୋସେଇଁ ଙ୍କ ସ୍ମୃତିରେ ।ମନ୍ଦିର ର ଚାରିଦ୍ୱାର ରେ ଚାରୋଟି ବଡ ବଡ ଝାଡ ( ପିତଳଦୀପ ରୁଖା) ର ହଜାରେ ରୁ ଉର୍ଦ୍ଧ୍ୱ ଦୀପ ମାନଙ୍କରେ ଝିଅଙ୍କୁ ଆହୁତି ଦେଇ ମହିମା ଧର୍ମର ସାଧୁଗଣ ଜଗତଜନଙ୍କ କଲ୍ୟାଣ କାମନା କରୁଛନ୍ତି । ଧର୍ମୀୟଭାବନା ନେଇ ଶ୍ରଦ୍ଧା ରେ ଭକ୍ତ ମାନେ ଛୁଟି ଆସୁଛନ୍ତି ଓଡିଶା ର କୋଣ ଅନୁକୋଣରୁ ସେଇ ଝାଡରେ ଘିଅ ଟିକିଏ ଦେଇ ମହିମା ଗୋସେଇଁ ଙ୍କୁ ସୁମରଣା କରି ନିଜର ତଥା ନିଜ ପରିବାର ର ମଙ୍ଗଳ କାମନା କରିବା ପାଇଁ ।

ମହିମା ଗୋସେଇଁଙ୍କର ମୁଖ୍ୟ ଶିଷ୍ୟ ଥିଲେ ସନ୍ଥକବି ଭୀମଭୋଇ । ଆଜି ଓଡିଶା ର ପୁରପଲ୍ଲୀ ରେ ପରିଚିତ ଆଉ ପ୍ରଚଳିତ ହେଉଛି ସନ୍ଥକବିଙ୍କର ଭଜନ ମାଳା , ତାଙ୍କ ରଚିତ ସତ୍ୟ ମହିମା ଧର୍ମ ପ୍ରତିପାଦକ, ଅଲେଖ ସଂହିତା, ଶୂନ୍ୟ ସଂହିତା ଇତ୍ୟାଦି ବିଭିନ୍ନ ଗ୍ରନ୍ଥମାନ । ଶୂନ୍ୟ ବ୍ରହ୍ମ ଙ୍କର ଆରାଧନା ଚାଲିଥିଲା , ଚାଲିଛି, ଚାଲିଥିବ ଅନନ୍ତ କାଳ ଯାଏଁ ।

*****

ଓଁ ଶ୍ରୀ ଅଲେଖ ପରମବ୍ରହ୍ମଣେ ଶରଣଂ।
ଜଗତଜନଙ୍କର କଲ୍ୟାଣ ହେଉ ।
ଶ୍ରୀ ଗୁରୁ ମହିମା ଅଲେଖ।

## ଐତିହ୍ୟ ପୋତାଗଡ

ସୁନୀଲ କୁମାର ପ୍ରଧାନ



ଗଞ୍ଜାମ ଜିଲ୍ଲାର ଐତିହ୍ୟ ଏ ଦୁର୍ଗ
ଅଛି ଗଂଜାମ ସହରେ
କୁତସାହି ମାନେ ନିର୍ମାଣ କରିଲେ
ପ୍ରାର୍ଥନାସ୍ଥଳୀ ନାମରେ ।
ସତରଶହ ତେପନ ମସିହାରେ
ଫରାସୀ ଙ୍କ ଦଖଲରେ
ଏହି ଦୁର୍ଗ ପୁନଃ ନିର୍ମାଣ ହୋଇଲା
ଫରାସୀଙ୍କ ରାଜୁତିରେ ।
ସତରସହ ପଞ୍ଚଷଠି ମସିହା
ଇଂରେଜ ଶାସକ ଦଳ
ଆକ୍ରମଣ କରି ଅକ୍ତିଆର କଲେ
ହାରିଲା ଫରାସୀ ବଳ ।
ପ୍ରଥମେ ଜିଲ୍ଲାର କାର୍ଯ୍ୟାଳୟ ରୂପେ
ଏହି ପୋତାଗଡ ଦୁର୍ଗ
ସାମରିକ ଦୁର୍ଗ ବୋଲି କୁହାଯାଏ
ଯଥେଷ୍ଟ ରହିଛି ଦୈର୍ଘ୍ୟ ।
ଉଣେଇଶି ମିଟର ଉଚ୍ଚ ଏ ଦୁର୍ଗ
ଲମ୍ବ ବୟାନବେ ମିଟର
ଆଜି ପରା ଭଗ୍ନ ଅବସ୍ଥାରେ ଅଛି
ପ୍ରାଚୀନ କଳା ଜର୍ଜର ।
ଏହି ଦୁର୍ଗଠାରେ ଋଷିକୂଲ୍ୟା ନଦୀ
ଯାଉଅଛି ସଦା ବହି
ମାଛ ମାରିବାକୁ ଧୀବର ଚଳଇ
ମୁହାଣେ ନଉକା ବାହି ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ – ୭୬୦୯୯୩୪୩୬୬




# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶୃତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ରାମଧୁନ, ସକାଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି, ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯାଇଥିଲା । ଗାନ୍ଧୀ ନଗରପଡା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତି, କଚେରୀ ଛକ ସ୍ଥିତ ଡ଼. ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତି, ଗାନ୍ଧୀ ଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତି ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତିରେ ଜିଲ୍ଲାପାଳ ଚଂଚଳ ରାଣା, ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବାହ୍ନ ୮ଟା ୩୦ ମିନିଟ ସମୟରେ ସ୍ଥାନୀୟ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ୭୪ ତମ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଓଡିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡର ନିରୀକ୍ଷଣ କରିଥିଲେ ଓ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମବେତ ଜନତାଙ୍କୁ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ, ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଅଗଣିତ ସ୍ୱାଧୀନତା ଓ ମହାନ ଦେଶଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀର ଜିଲ୍ଲାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ତରଫରୁ କାର୍ଯକାରୀ ହେଉଥିବା ବହୁ ଅଭିନବ ଓ ଜନ କଲ୍ୟାଣକାରୀ ଯୋଜନା ଗୁଡିକର ସଠିକ କାର୍ଯାନ୍ୱୟନ ଯୋଗୁଁ ବିକାଶର ଧାରା ଅବ୍ୟାହତ ରହିଛି ବୋଲି ମତବ୍ୟକ୍ତ କରିବା ସହ ଉଚ୍ଚ ଶିକ୍ଷା ବ୍ୟବସ୍ଥା, ବିପର୍ଯ୍ୟୟ ପରିଚାଳନା, ଷ୍ଟାର୍ଟ ଅପ, କ୍ରିଡା ଓ କ୍ରୀଡାବିତଙ୍କୁ ପ୍ରୋତ୍ସାହନ,ଫାଇଭ- ଟି ଅଧୀନରେ ବିଦ୍ୟାଳୟ ରୂପାନ୍ତରିକରଣ, ମୋ ସରକାର ଉପକ୍ରମ ସମ୍ପର୍କରେ ରାଜ୍ୟ ସରକାରଙ୍କ ସଫଳ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ବଲାଙ୍ଗିର ଜିଲ୍ଲାର ସାମଗ୍ରିକ ବିକାଶକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଇଆସିଛନ୍ତି ବୋଲି ମତବ୍ୟକ୍ତ କରିବା ସହ ବଲାଙ୍ଗିର ଜିଲ୍ଲାରେ କାର୍ଯକାରି ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଓ ଜନହିତକର କାର୍ଯକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶିକ୍ଷା, ସଂସ୍କୃତି ସମେତ କଳା, ପର୍ଯ୍ୟଟନ, ଭିତିଭୂମି, ଗମନାଗମନ, ଶିଳ୍ପ, କୃଷି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ । ଏ ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ଠାପର ଉଦ୍ୟମ ଜାରି ରହିଛି ଏବଂ ବହୁ କ୍ଷେତ୍ରରେ ଜିଲ୍ଲାର ବିକାଶ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ବଲାଙ୍ଗିର ଜିଲ୍ଲାର ବିକାଶକୁ ଆହୁରି ଆଗକୁ ନେବାକୁ ଏବଂ ଏହାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ଆମ ସମସ୍ତଙ୍କୁ ମିଳିତ ପ୍ରୟାସ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ । ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହର ଆନୁଷ୍ଠାନିକ ପ୍ୟାରେଡରେ ଏପିଆର, ହୋମଗାର୍ଡ, ପୋଲିସ ବ୍ୟାଣ୍ଡ, ଏନସିସି, ସ୍କାଉଟ, ଗାଇଡ, ରେଡକ୍ରସ ଓ ସିଭିଲିଆନ ଦଳଙ୍କୁ ମିଶାଇ ମୋଟ ୩୯ ଗୋଟି କଂଟିଜେଂଟ ଅଂଶଗ୍ରହଣ କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ଉଚ୍ଚକୋଟିର ପ୍ୟାରେଡ ପ୍ରଦର୍ଶନ କରି ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା କଂଟିଜେଂଟ ଗୁଡିକୁ ମୁଖ୍ୟ ଅତିଥି ସିଲ୍ଡ ପ୍ରଦାନ କରିଥିଲେ ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଊର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଊର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ଓ୍ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# ଉପଖଣ୍ଡ ସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ-୨୦୨୩ ପାଳନ

ଜୟପୁର,(ପି.ଏନ): ଜୟପୁର ଉପଖଣ୍ଡରେ ୭୪ତମ ସାଧାରଣତନ୍ତ୍ର ଦିବସ ମହୋତ୍ସବ ଜୟପୁର ଦଶହରା ପଡିଆ ଠାରେ ବହୁ ଆଡମ୍ବରରେ ପାଳନ କରାଯାଇଛି । ଏହି ପବିତ୍ର ଦିବସ ଉପଲକ୍ଷେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ତତ୍ ପରେ ଉପସ୍ଥିତ ଥିବା ୪୮ ପ୍ଲାଟୁନ ଟ୍ରୁପକୁ ପରିଦର୍ଶନ କରିଥିଲେ। "ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସବୁବେଳେ ବଜାୟ ରଖିବା ଓ ଉଚ୍ଚ ସ୍ଥାନ ଦେବା ଯାହା ଫଳରେ ରାଜା ରାଜୁଡା ଶାସନ ବା ବିଦେଶୀ ଶାସନର ନୀତି ନିୟମକୁ ପରିବର୍ତନ କରିବା ଓ ଭାରତର ନୀତି ନିୟମ ଓ ସଂସ୍କୃତିକୁ ନେଇ ଅଗଗୁ ବଢିବା" ବୋଲି ଉପଜିଲ୍ଲାପାଳ ମହୋଦୟ ଜୟପୁର ସହରବାସୀଙ୍କୁ ବାର୍ତା ଦେଇଥିଲେ । ତତ୍ ପରେ ଶାରୀରିକ କ୍ରିଡା କୌଶଳ ପ୍ରତିଯୋଗିତା ଓ କୌତୁକ ପୋଷାକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହାର ବିଚାରକ ଭାବେ ବାଲା ରାୟ, ଅବସର ପ୍ରାପ୍ତ ପିଇଟି ଶିକ୍ଷକ, ଚୂଳଧ୍ୱଜ ବେହେରା, ହାବିଲଦାର, କୃଷ୍ଣ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ସେନା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ପରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ଛାତ୍ର ଛାତ୍ର ଓ ପ୍ୟାରେଡରେ ଭାଗ ନେଇଥିବା ବିଜେତା ଟ୍ରୁପ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ୭୫ ବର୍ଷ ପରେ ବିକ୍ରମ ଦେବ ମହାବିଦ୍ୟାଳୟର ଏନସିସି (ବାଳିକା) ଗଠନ କରିଥିବା ହେତୁ ସନ୍ତୋଷିନୀ ମୁଣ୍ଡା ମହୋଦୟାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷ ନୂତନ ଭାବେ ଭାଗ ନେଇଥିବା ଜୟପୁର ଫାର୍ମାସି କଲେଜକୁ ମଧ୍ୟ ସମ୍ମାନିତ କରାଯାଇଥିଲା ।ପ୍ୟାରେଡ ପଡିଆର କାର୍ଯ୍ୟକ୍ରମ ପରେ ଶିଶୁ ସଦନରେ ଥିବା ଅନ୍ତେବାସୀ (ପ୍ରଦତ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ), ମୁଖ୍ୟ ଚିକିତ୍ସାଳୟର ଶଯ୍ୟାସାୟୀ ରୋଗୀ ମାନଙ୍କୁ(ପ୍ରଦତ ରୋଟାରୀ କ୍ଲବ କ୍ରୀଷ୍ଟଲ୍) ଓ ଉପଖଣ୍ଡ କାରାଗାର ଜୟପୁରର କଏଦୀ (ପ୍ରଦତ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ) ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଏହି ଉତ୍ସବରେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ଶ୍ରୀମତୀ ତୁଳିଆମ୍ମା ପ୍ରଧାନ, ଉପଖଣ୍ଡ ଭାରପ୍ରାପ୍ତ ପୁଲିସ ଅଧିକାରୀ, ଟାଉନ ଥାନା ସମ୍ବିତ କୁମାର ବେହେରା, ମୁଖ୍ୟ ଶାଖା ପରିଚାଳକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଜୟପୁର, ଉପଖଣ୍ଡ ଭାରପ୍ରାପ୍ତ ପୁଲିସ ଅଧିକାରୀ, ସଦର ଥାନା ଈଶ୍ୱର ତାଣ୍ଡି, ଉପଖଣ୍ଡ ଭାରପ୍ରାପ୍ତ ପୁଲିସ ଅଧିକାରୀ ମହିଳା ଥାନା, ଯଜ୍ଞେଶ୍ୱର ପଣ୍ଡା, ରେଡ଼କ୍ରସ ଅଧିକାରୀ, ସରକରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ନିରଞ୍ଜନ ପାଣିଗ୍ରାହୀ, ପିଇଟି ଶିକ୍ଷକ, ମଡର୍ନ ସ୍କୁଲ, ରବି ନାୟକ ସମ୍ପାଦକ ଉପଖଣ୍ଡ କ୍ରୀଡା ସଂସଦ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତା, ବିଭିନ୍ନ ସରକରୀ ବିଭାଗର ପଦାଧିକାରୀ ଓ ବିଭିନ୍ନ ଇଲେକ୍ଟ୍ରୋନିକ ଓ ଖବର କାଗଜର ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ।

# ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କର୍ତବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବଣ୍ଟନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକାକୁ ଯୌନ ଶୋଷଣ ମାମଲାର ରାୟ

ଜୟପୁର,(ପି.ଏନ): ନାବାଳିକାକୁ ଯୌନ ଶୋଷଣ ମାମଲାର ରାୟ ଶୁଣାଣି ହୋଇଛି । ୨୦୧୯ ମସିହାରେ ଜୟପୁର ସଦର ଥାନା ଅନ୍ତର୍ଗତ ନାବାଳିକା ଯୌନ ଶୋଷଣ ମାମଲାର ବିଚାର କରି ଜୟପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଜଜ ପୋସ୍କୋ ରାୟ ର ଶୁଣାଣି କରିଛନ୍ତି । ଜୟପୁର ଟାଉନ ଥାନା ଅନ୍ତର୍ଗତ ହାନାଗୁଡା ଗ୍ରାମର ଅଭିଯୁକ୍ତ ରାହୁଲ ବାଘ (୨୯)କୁ ଦଣ୍ଡିତ କରିଛନ୍ତି । ୯ ଜଣ ସାକ୍ଷିଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଆଇପିସି ଧାରା ୩୬୩ ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା, ଅନାଦୟ ୩ ମାସ, ସଶ୍ରମ କାରାଦଣ୍ଡ, ଆଇପିସି ଧାରା ୩୫୪ (ବି)ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଅନାଦେୟ ୩ ମାସ ସଶ୍ରମ କାରାଦଣ୍ଡ, ଆଇପିସିର ଧାରା ୫୦୬ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଅନାଦେୟ ୩ ମାସ ସଶ୍ରମ କାରାଦଣ୍ଡ ଏବଂ ଆଇପିସିର ଧାରା ୩୨୩ ରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ୧ ହଜାର ଟଙ୍କା ଜୋରିମନା ଓ ଅନାଦେୟ ୧ ମାସ ସଶ୍ରମ କାରାଦଣ୍ଡ ଓ ଅନାଦେୟ ୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଉକ୍ତ ମାମଲାରେ ଅଦାଲତ ରାହୁଲ ବାଘ କୁ ଆଇପିସିର ୪ଟି ଦଫାରେ ଦଣ୍ଡିତ କରିଛନ୍ତି । ସମସ୍ତ ଦଣ୍ଡ ଏକା ସହ ଚାଲିବ ବୋଲି ଅଦାଲତ ରାୟରେ ଶୁଣାଣି କରିଛନ୍ତି । ମାମଲା ବିବିରଣିରୁ ପ୍ରକାଶ ଯେ ୭।୨।୨୦୧୯ ମସିହାରେ ନାବାଳିକା ନିଜ ଭାଇ ସହ ଆସୁଥିବା ବେଳେ ଭାଇର ସାଙ୍ଗ ଭାବରେ ବାଇରେ ଘରେ ଛାଡିଦେବି କହି ନିକଟରେ ଥିବା ଜଙ୍ଗଲକୁ ନେଇ ପିଡିତାକୁ କିଛି ସୁଙ୍ଘାଇ ଦେଇ ଥିଲା । ନାବାଳିକା ଅଚେତ ହେବା ପରେ ତାଙ୍କ ସହ ଯୌନ ଶୋଷଣ କରିଥିଲା । ଚେତା ପସିବା ପରେ ନାବାଳିକା ବାଟରେ ଆସୁଥିବା ଜଣେ ବ୍ୟକ୍ତିକୁ ଘଟଣା ବିଷୟରେ କହିଥିଲେ । ବ୍ୟକ୍ତି ଜଣକ ନାବାଳିକାକୁ ତାଙ୍କ ଘରକୁ ନେଇ ଛାଡି ଥିଲେ । ଘଟଣା ବିଷୟରେ ଶୁଣିବା ପରେ ପିଡିତାର ବାପା ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କିର ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୁବରୁ ପିଡିତା କୁ ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୧ ଲକ୍ଷ ୫୦ ହଜାର ଟଙ୍କା ଦେବା ସରିଛି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରି ଓକିଲ ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ




କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପତି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋତ୍ତମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଭକ୍ତକବି:- ମଧୁସୂଦନ ରାଓ

ଡ. ମାୟାଧର ମାନସିଂହ ତାଙ୍କର 'କବି ଓ କବିତା' ପୁସ୍ତକରେ ଯଥାର୍ଥରେ କହିଛନ୍ତି " ରାଧାନାଥ, ମଧୁସୂଦନ, ଓ ଫକୀର ମୋହନ ଓଡିଆ ସାହିତ୍ୟର ଗୋଟିଏ ଯୁଗର ତ୍ରୀବେଣୀ ଧାରା ଏବଂ ଗୋଟିଏ ବୀଣାର ତିନୋଟି ତାର, ଯେପରି ଏକ ଜାହ୍ନବୀ ତିନି ସ୍ରୋତରେ ପ୍ରବାହିତ। ଠିକ୍ ସେହିପରି ଏହି ତିନି ଦେବତୁଲ୍ୟ ବିଭୁତିଙ୍କ ମୁଖରୁ ତିନି ବେଦ ନିଃସୃତ ହୋଇଛି। ଫକୀର ମୋହନ 'ସତ୍ୟ'ର, ରାଧାନାଥ 'ସୁନ୍ଦର' ର ଓ ମଧୁସୂଦନ 'ଶିବ' ର ଉପାସକ ଥିଲେ। ପ୍ରକୃତରେ ମଧୁସୂଦନ ନାମଟି ଉଚ୍ଚାରଣ କଲାବେଳେ ସାଧାରଣତଃ ଆମେ ଦୁଇଜଣ ଉଜ୍ଜ୍ୱଳ କାନ୍ତିମାନ ପୁରୁଷଙ୍କ କଥା ଆମ ମନକୁ ଝଙ୍କୃତ କରେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ, ଅନ୍ୟ ଜଣେ ହେଉଛନ୍ତି ମଧୁମୟ ଭକ୍ତକବି ମଧୁସୂଦନ। ଉତ୍କଳ ଗୌରବ ମଧୁସୂଦନ ଜାତି ଓ ଦେଶ ପାଇଁ ଦଧିଚୀ ସାଜି ଜୀବନ ଉତ୍ସର୍ଗ କଲାବେଳେ ଭକ୍ତକବି ମଧୁସୂଦନ ନିଜକୁ ସାହିତ୍ୟ ଓ ସଂସ୍କୃତିର ସଂଗ୍ରାମ କ୍ଷେତ୍ରରେ ଆଗେଇ ନେଇଥିଲେ। ପ୍ରକୃତରେ ଏ ଦୁଇଜଣ ଥିଲେ ଦୁଇଟି ମଧୁ। ଉଭୟଙ୍କ ଲକ୍ଷ ଏକଥିଲେ ହେ ଜଣେ ଓଡିଆ ଜାତିକୁ ସୁ ସଂଗଠିତ, ବଳିଷ୍ଠ ଜାତିରେ ପରିଣତ କରିବା ପାଇଁ ଆପ୍ରାଣ ଉଦ୍ୟମ କଲାବେଳେ ଅନ୍ୟ ଜଣେ ଏ ଜାତିର ଜାତୀୟ ଜୀବନ, ଜାତୀୟ ସଂସ୍କୃତି, ଜାତୀୟ ଧର୍ମ ଓ ସାହିତ୍ୟରେ ଉତ୍ତରୋତ୍ତର ଉନ୍ନତି ସାଧନ ପାଇଁ ଆପ୍ରାଣ ଉଦ୍ୟମରତ ଥିଲେ। ବର୍ତ୍ତମାନର ଆଲୋଚ୍ୟ ବିଷୟ ଟି ଭକ୍ତକବି ମଧୁସୂଦନ ଙ୍କ ଉପରେ ପର୍ଯ୍ୟବସିତ। " ବମଧୁମନ୍ମେ ନିକ୍ରମଣଂ ମଧୁ ମନ୍ମେ ପରାୟଣଂ, ବାଚା ଦଦାମି ମଧୁମହ ଭୂୟାସଂ ମଧୁସଂଦୃଶାଃ"। ଅଥର୍ବ ବେଦର ଏହି ଅମୃତମୟ ମନ୍ତ୍ର ତଥା ସ୍ତୋତ୍ରର ମର୍ମାର୍ଥ ହେଉଛି- ସକଳ ମଧୁମୟ ବସ୍ତୁ ମୋ ନିକଟକୁ ଆସୁ, ସକଳ ସୁଧାମୟୀ ମାଧୁରୀ ମୋ ଅନ୍ତରରୁ ଉତ୍ସରିତ ହେଉ, ମୋ ରସନାରୁ ମଧୁମୟ ବଚନ ନିର୍ଗତ ହେଉ, ମୋର ଅନ୍ତର ଓ ବାହାର ମାଧୁର୍ଯ୍ୟସିକ୍ତ ହେଉ। ସେହି ଶୁଦ୍ଧ, ବୁଦ୍ଧ ଓ ଋଷିପ୍ରାଣ ମହାପୁରୁଷ ମାଧୁରୀର ମୂର୍ତ୍ତିମନ୍ତ ପ୍ରତିକ ଥିଲେ। ତୁଷାର ହାର ଧବଳା ଜାଡ୍ୟାପହା ସରସ୍ୱତୀଙ୍କର ଅର୍ଚ୍ଚନା ଦିବସରେ ଭକ୍ତକବି ମଧୁସୂଦନଙ୍କର ଆବିର୍ଭାବ। ଏହି ପୁଣ୍ୟ ଜନ୍ମତିଥି ସହିତ ବାଣୀ ବରପୁତ୍ର କବି ମଧୁସୂଦନ ଙ୍କ ଜୀବନଧାରା ଓ ସାରସ୍ୱତ ସାଧନାର ସତେ ଯେପରି ଜନ୍ମଜନ୍ମାନ୍ତରୀଣ ଗୋଟିଏ ଅଚ୍ଛେଦ୍ୟ ଯୋଗସୂତ୍ର ଥିଲା। ଭକ୍ତ କବି ନିଜର ସ୍ୱ ରଚନା ଶ୍ରୀପଂଚମୀ କବିତାରେ ସୁନ୍ଦର ଭାବେ ଫୁଟାଇଛନ୍ତି ଯାହା ହେଲା:- " ମଧୁଜନ୍ମ ତିଥି ମଧୁମୟୀ ଶ୍ରପଂଚମୀ ଯା'ର ଅଗମନେ ଜାଗେ ଧରଣୀ ଉଲ୍ଲାସେ- ଶତପୁଷ୍ପ ବିକାଶଇ ବିଶ୍ୱପ୍ରାଣେ ରମି, ବହଇ ମଳୟ, ଗାଏ କୋକିଳ ଉଲ୍ଲାସେ"। ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ପବିତ୍ର ଶ୍ରୀପଂଚମୀ ଦିନରେ ମଧୁସୂଦନ ରାଓ ଜନ୍ମ ଗ୍ରହଣ କରିଥିଲେ।

ତାଙ୍କର ପିତା ଭାଗୀରଥି ରାଓ ଜଣେ ସାଧୁ, ସଚ୍ଚୋଟ,ଓ କର୍ମଠ ଜମାଦାର ଭାବରେ ପୁରୀର ଅଠରନଳା ଫାଣ୍ଡିରେ ନିଯୁକ୍ତି ପାଇଥିଲେ। ତାଙ୍କର ମାତା ଅମ୍ବିକା ୧୯ ବର୍ଷ ବୟସରେ ଦୁଇପୁତ୍ରଙ୍କୁ ଜନ୍ମ ଦେଇ ଇହଧାମ ତ୍ୟାଗ କଲେ। ପିତାଙ୍କର ବଦଳି ଗୋପକୁ ହୋଇଥିଲା ବେଳେ ମଧୁସୂଦନଙ୍କ ବାଲ୍ୟପାଠପଢା ଗ୍ରାମ୍ୟ ପାଠଶାଳାରେ ଆରମ୍ଭ ହୋଇଥିଲା। ପୁନଶ୍ଚ ପିତାଙ୍କ ବଦଳି ଭୁବନେଶ୍ୱର କୁ ହେବାରୁ ସେସରକାରୀ ମଧ ଭର୍ଣ୍ଣାକୁଲାର ବିଦ୍ୟାଳୟରେ ବିଜ୍ଞାନଭିତିକ ଇଂରାଜୀ ଶିକ୍ଷା ପଦ୍ଧତିରେ ଅଧ୍ୟୟନ କଲେ। ସେତେବେଳେ ଓଡିଆରେ ପାଠ୍ୟପୁସ୍ତକ ନଥିବାରୁ ବଙ୍ଗଳା ଭାଷାରେ ପଢିବାକୁ ପଡୁଥିଲା। ଏହି ବିଦ୍ୟାଳୟ ସ୍ତରରୁ ହିଁ ସେ ଓଡିଆ ଭାଷାରେ ପାଠ୍ୟପୁସ୍ତକ ରଚନା କରିବା ପାଇଁ ଦୃଢ ପରିକର


ଉମାଶଙ୍କର ପ୍ରସାଦ

ହୋଇଥିଲେ। ସେ ଯେତେ ବେଳେ ପୁରୀ ଜିଲ୍ଲା ସ୍କୁଲରେ ଉଚ୍ଚଶିକ୍ଷା ଲାଗି ଭର୍ତ୍ତି ହୋଇଥିଲେ ସେତେବେଳେ ମାତ୍ର ୧୨ ବର୍ଷ ବୟସରେ ତାଙ୍କର ୯ ବର୍ଷୀୟ ପଦ୍ମାବାଇ ଙ୍କ ସହ ବିବାହ ହୋଇଥିଲା। ଏହା ସତ୍ତ୍ୱେ ସେ ଥିଲେ ପୁରୀ ଜିଲ୍ଲାର ଜଣେ କୃତିଛାତ୍ର। ତାଙ୍କୁ ଜଣେ ମହାନ ଗୁରୁ ଭାବରେ ରାଧାନାଥ ମିଳିଥିଲେ। ତାଙ୍କର ପ୍ରତିଭା ଯୋଗୁ ସେ ବୃତ୍ତି ପାଇ ଅଧ୍ୟୟନ କରୁଥିଲେ। ତାଙ୍କର ରାଧାନାଥ ଙ୍କ ସହିତ ସଂସ୍ପର୍ଶ ହୃଦୟରେ କବିତ୍ୱର ପ୍ରତିଭା ପଲ୍ଲବିତ ହୋଇଥିଲା। ବି.ଏ ପଢିବା ପାଇଁ ପିତାଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିଲା। ତେଣୁ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା ଯାଜପୁର ମ୍ମଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ ମାତ୍ର ୪୫ ଟଙ୍କା ବେତନରେ ନିଯୁକ୍ତି ପାଇଥିଲେ। ସେଠରେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କଲାପରେ ୧୮୭୩ ମସିହାରେ ସେ ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ , ସେତେବେଳେ ସେଠାରେ କବି ରାଧାନାଥ ରାୟ ଡେପୁଟ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ବାଲେଶ୍ୱର ଥିଲା ସାହିତ୍ୟ ଓ ସୃଜନୀର ପ୍ରାଣକେନ୍ଦ୍ର। ଜିଲ୍ଲା ମାଜଷ୍ଟ୍ରେଟ ତଥା ଭାଷାବିତ ଜନ୍ ବିମ୍ସ ରାଧାନାଥଙ୍କ ସହିତ, ଫକୀରମୋହନ ଓ ମଧୁସୂଦନ ରାଓଙ୍କୁ ଏକତ୍ର କରାଇ ସେହି ତିନିଙ୍କ ମଧ୍ୟରେ 'ଭାଷା ସାହିତ୍ୟ' ଉପରେ ଆଲୋଚନା ସଂଗଠିତ କରାଉଥିଲେ। ମଧୁରାଓ ବାଲେଶ୍ୱର ଜିଲ୍ଲାରୁ ସଂସ୍କୃତି ସମନ୍ୱୟ ପୀଠ କଟକର କଲେଜିଏଟ ସ୍କୁଲର ଶିକ୍ଷକ, ୧୯୮୦ରେ ସ୍କୁଲ ସମୁହର ଡେପୁଟି ଇନ୍ସପେକ୍ଟର , କଟକ ଟ୍ରେନି ସ୍କୁଲର ପ୍ରଧାନ ଶିକ୍ଷକ, ଓଡିଶା ଶିକ୍ଷା ବିଭାଗର ଜଏଂଟ ଇନ୍ସପେକ୍ଟର ଏବଂ ୧୯୦୭ ରେ ଇନ୍ସପେକ୍ଟର କୁ ଉନ୍ନିତ ହୋଇଥିଲେ। ଶିକ୍ଷା, ସାହିତ୍ୟ,ସଂସ୍କୃତି କ୍ଷେତ୍ରରେ ତଙ୍କର କର୍ତ୍ତବ୍ୟନିଷ୍ଠା ଓ କାର୍ଯ୍ୟଦକ୍ଷତା ପାଇଁ ୧୯୦୭ ମସିହାରେ ଇଂରେଜ ସରକାର ତାଙ୍କୁ 'ରାୟ ବାହାଦୁର' ପଦରେ ଅଳଙ୍କୃତ କରିଥିଲେ। ୧୯୦୯ ଜୁଲାଇ ତା୨୮ ରିଖରେ କର୍ମମୟ ଜୀବନରୁ ଅବସର ଗ୍ରହଣ କଲାପରେ ସେ 'ଟାଉନ ଭିକ୍ଟୋରିଆ ସ୍କୁଲ' ସ୍ଥାପନ କଲେ ଯାହାର ସାଂପ୍ରତିକ ନାମ 'ଭକ୍ତମଧୁ ବିଦ୍ୟାପୀଠ'। ତାଙ୍କର ସମ୍ୟକ ହୃଦ୍‌ବୋଧ ହୋଇଥିଲା ଯେ ଦେଶକୁ ପରାଧିନତାର ଘନ ତମିସ୍ରାରୁ ମୁକ୍ତ କରିବାକୁ ହେଲେ ସାଧାରଣ ନାଗରିକ ଠାରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରବାର ପ୍ରଚେଷ୍ଟା ସର୍ବାଦୌ ଆବଶ୍ୟକ। ତେଣୁ ମୁକ୍ତ ଜ୍ଞାନାଲୋକରେ ଦେଶକୁ ଉଦ୍ଭାସିତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ତାଙ୍କର ଶୋଣିତ ଲେଖନୀ। ଭକ୍ତ କବିଙ୍କ ଜୀବନ ବହୁ ଅଲୌକିକ ଘଟଣାର ସମାହାର। ତାଙ୍କର ଶୟନ ସପନ ଜାଗରଣର ଏକମାତ୍ର ଚିନ୍ତା ଥିଲା ଦୃଢ ଇଶ୍ୱର ବିଶ୍ୱାସ। ଇଶ୍ୱରଙ୍କ ଆଶ୍ରିତ ଭାବରୁ ସେ ତାଙ୍କର ଜୀବନାଦର୍ଶକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏକାନ୍ତ ଅନୁଗତ ଶୁଦ୍ଧ ମନର ସତ୍ୟ ପିପାସା, ସତତଃ ବିଭୁଙ୍କ ଅନନ୍ତ କରୁଣା ପାଇଁ ଜାଗ୍ରତ ଥିଲା। ସେ 'ବ୍ରାହ୍ମଧର୍ମ' ରେ ଦୀକ୍ଷିତ ହୋଇଥିଲେ। ଭାଗବତର ସେହି ଅମର ବାଣୀ 'ତୋହରି ମନ ତୋର ଗୁରୁ'। ତାଙ୍କ ହୃଦୟରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ସାମୁହିକ ଶିକ୍ଷାର ଅଗ୍ରଗତି ନଘଟିଲେ ଦେଶର ପରିସ୍ଥିତି ସମ୍ବନ୍ଧରେ କୌଣସି ସଚେତନତା ସୃଷ୍ଟି ହୋଇ ପରିବ ନାହିଁ କିମ୍ବା ପରାଧିନତାର ଶୃଙ୍ଖଳ କବଳରୁ ଜନ୍ମମାଟି ଓଡିଶା, ମାତୃଭାଷା ଓଡିଆ, ତଥା ଜନ୍ମଭୂମି ଭାରତ କଦାପି ମୁକ୍ତ ହୋଇପାରିବ ନାହିଁ। ସେ ଜାଣିଥିଲେ ଛାତ୍ରର ଉନ୍ନତି ବିଧାନ କରିବାକୁ ହେଲେ ପ୍ରଥମେ ଗୁରୁଙ୍କୁ ସବୁଦିଗରୁ ପ୍ରସ୍ତୁତ କରିବାକୁ ପଡିବ। ଉତ୍କଳର ବାଣୀ ଭଣ୍ଡାରକୁ ତାଙ୍କର ସାହିତ୍ୟ କୃତି ଅବିସ୍ମରଣୀୟ। ବାଲେଶ୍ୱରର ବୈକୁଂଠନାଥ ଦେ' ଙ୍କ ପ୍ରେସରୁ ଯେତେବେଳେ 'ଉତ୍କଳ ଦର୍ପଣ' ଓଡିଆ ମାସିକ ପତ୍ରିକା ପ୍ରକାଶ ପାଉଥିଲା। ଏହି ପତ୍ରିକାର ପ୍ରଧାନ ଲେଖକ ଥିଲେ ରାଧାନାଥ, ଫକୀରମୋହନ,ଓ ମଧୁସୂଦନ ରାଓ। ମଧୁସୂଦନଙ୍କ ରଚିତ 'ପ୍ରଣୟର ଅଦ୍ଭୁତ ପରିଣାମ' (ଗଳ୍ପ), 'ଚନ୍ଦ୍ରତାରା', 'ଉଲ୍କାପିଣ୍ଡ', 'ସୂର୍ଯ୍ୟ', 'ଆଗ୍ନେୟ ଗିରି' (ପ୍ରବନ୍ଧ) ଏବଂ ' ନିଶୀଥ ଚିନ୍ତା, ଶ୍ମଶାନ ଓ ଅଯୋଧ କବିତା ପ୍ରକାଶ ପାଇଥିଲା। ତାଙ୍କର ବ୍ରାହ୍ମ ଧର୍ମ ଗ୍ରହଣ କରିବାର ମୂଖ୍ୟ ଉଦ୍ଦେଶ୍ୟ ଥିଲା ହିନ୍ଦୁଧର୍ମର ରକ୍ଷଣଶୀଳତା ବିରୁଦ୍ଧରେ। ବ୍ରାହ୍ମ ଧର୍ମର ବିକାଶ ଲାଗି ସେ ଯେଉଁ ପୁସ୍ତକ ମାନ ରଚନା କରିଛନ୍ତି ତାହା ଓଡିଆ ଭାଷା ସାହିତ୍ୟରେ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ। ମଧୁସୁଦନ ରାଓ ନିଜର କବିତା ବଳୀ ( ୧୮୭୬ ), ପ୍ରବନ୍ଧ ମାଳା (୧୮୮୦), ଛାନ୍ଦମାଳା (୧୮୮୪), କବିତା ବଳୀ ( ୨ୟ ଭାଗ),ବର୍ଣ୍ଣବୋଧ (୧୮୯୫), ଛାନ୍ଦମାଳା- ୨ୟ ଭାଗ (୧୮୯୯), ପ୍ରଣୟର ଅଦ୍ଭୁତ ପରିଣାମ, ସଂଗୀତ ମାଳା (୧୮୯୫), ବସନ୍ତ ଗାଥା, ବାଳ ରାମାୟଣ (୧୯୦୧), କୁସୁମାଞ୍ଜଳି (୧୯୦୩), ଉତର ରାମଚରିତ (୧୯୦୮) ଏବଂ ଅନେକ କବିତା ସହ ଛୋଟ ବଡ ରଚନା ଦ୍ୱାରା ଉତ୍କଳ ଭାରତୀକୁ ଋଦ୍ଧିମନ୍ତ କରିଛନ୍ତି। ଜଣେ ସଫଳ ଅନୁବାଦକ ବାବେ ସେ ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ଲେଖକ 'ଉଇଲିୟମ କୁପରଙ୍କ' " The Solitude of Alexander Selkirk ରୁ ତାଙ୍କର ପ୍ରସିଦ୍ଧ କବିତା 'ନିର୍ବାସିତର ବିଳାପ' ରଚନା କରି କବିତା ଜଗତରେ ଆଲୋଡନ ସୃଷ୍ଟି କରିଥିଲେ। ସେହିପରି କୁପର ଙ୍କ କବିତା " ଓ am the monarch of all I survey, My right there is non to dispute , From the centre all around the sea, I am the lord of the Fowl and brute" ମଧୁବାବୁ ଲେଖିଛନ୍ତି " ଦେଖଇ ନେତ୍ର ଯାହା ଚଉଦିଗର / ସେ ସର୍ବର ଅଟଇ ମୁଁ ଅଧିଶ୍ୱର/ ମହି ମଣ୍ଡଳେ ନାହିଁ ଏମନ୍ତ ଜନ/ ମୋଅଧିକାର ଲୋକେ କରିବ ରଣ। ଏହି ଅନୁବାଦରୁ ପ୍ରତିତ ହୁଏ ଇଂରେଜ କବିଙ୍କୁ ଓଡିଆ କବି ତାର ଭାବ ପ୍ରକାଶ ଭଙ୍ଗୀରେ ବଳି ପଡିଥାନ୍ତି। ପ୍ରତ୍ୟେକ ମନୁଷ୍ୟ ହେଉଛି ଦେବତାର ଅଂଶ ବିଶେଷ ତେଣୁ ସେ ଲେଖିଥିଲେ 'ସୁନ୍ଦର ଦେବ ତୁଲ୍ୟ ନର ଆନନ୍ଦ'। ପ୍ରତି ବାଳକ ଙ୍କ ମନରେ ବିଭୁ ପ୍ରେମ ପ୍ରଖ୍ୟାପନ କରିବାକୁ ଯାଇ ସେ ଗାଇ ଉଠିଲେ ' ହେ ଆନନ୍ଦ ମୟ ଭୂବନ ପାଳକ, ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ- ଜ୍ଞାନଦାତା ଭଗବାନ ଦିଅ ମୋତେ ଶୁଭ ବୁଦ୍ଧି ଦିଅ ଦିବ୍ୟ ଜ୍ଞାନ'। ଶଙ୍କରାଚାର୍ଯ୍ୟଙ୍କ 'ଏକ ବ୍ରହ୍ମ , ଦ୍ୱିତୀୟ ନାସ୍ତି' ର ଆପ୍ତ ବାକ୍ୟ ଦ୍ୱାରା ସେ ଗଭୀର ପ୍ରଭାବିତ ହୋଇ ଲେଖିଥିଲେ- " ଭୂଲୋକେ ଦ୍ୟୁଲୋକେ ବ୍ରହ୍ମ, ସାଗରେ ପର୍ବତେ ବ୍ରହ୍ମ, ଜଳେ ବ୍ରହ୍ମ ସ୍ଥଳେ ବ୍ରହ୍ମ, ବିଶ୍ୱ ବ୍ରହ୍ମ ନିକେତନ"। ସେ ଥିଲେ ସତ୍ୟ- ଶିବ –ସୁନ୍ଦରଙ୍କ ଶ୍ରେଷ୍ଠ ଉପାସକ ଏବଂ କାଳଜୟୀ ପୁରୁଷ।

ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨)

# କେବେ ଖୋଲିବ ମାଡକାପଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ମାଲକାନଗିରି,(ପି.ଏନ): ଦୁର୍ଗମ ଅଂଚଳର ଆଦିବାସୀଙ୍କ ଜମିଜମା, ଜାତିଗତ, ବାସିନ୍ଦା ଓ ଅନ୍ୟାନ୍ୟ ରାଜସ୍ୱ ସମସ୍ୟା ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ସରକାରଙ୍କ ମୁଖ୍ୟ ଲକ୍ଷ ଥିଲା ଦୁର୍ଗମ ଅଂଚଳରେ ଗରିବ ଆଦିବାସୀଙ୍କ ପାଖରେ ସରକାରୀ ସେବା ପହଂଚାଇବା। କିନ୍ତୁ, ସରକାରୀ ବାବୁ ମାନେ ଘାଟି ଚଢି କାର୍ଯ୍ୟାଳୟକୁ ନଯାଇ ବାବୁ ମାନଙ୍କର ଯେଉଁଠି ସୁବିଧା ହେଉଛି ସେହିଠାରେ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଖର୍ଚାନ୍ତ ଓ ଅସୁବିଧାର ଶିକାର ହେଉଛନ୍ତି ଗରିବ ନିରୀହ ଘାଟି ଅଂଚଳର ଆଦିବାସୀ। ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ଖଇରପୁଟ ତହସିଲ ଅନ୍ତର୍ଗତ ମାଡକାପଦର ଆର ଆଇ ସର୍କଲ ର ମାଡକାପଦର ଗ୍ରାମର ସଦର ମହକୁମାରେ ନୂତନ ଭାବେ ନିର୍ମାଣ ହୋଇଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଦୁଇଟି ପଂଚାୟତର ଅନେକ ରାଜସ୍ୱ ଗ୍ରାମ ଓ ପଡ଼ା ସାହିର ହଜାର ହଜାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମାଡକାପଦର ଆର ଆଇ ସର୍କଲ କାର୍ଯ୍ୟାଳୟ ନିର୍ମାଣ କରିବା ଆଜକୁ ଦୁଇ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାର ତାଲା ଖୋଲାଯାଇ ନାହିଁ।କାର୍ଯ୍ୟାଳୟ ଭିତରେ କର୍ମଚାରୀଙ୍କ ପାଖରେ ରହିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କିନ୍ତୁ, ବିଡମ୍ବନାର ବିଷୟ କାର୍ଯ୍ୟାଳୟ ନିର୍ମାଣ ହେବା ଠାରୁ ଆଜି ପର୍ଯ୍ୟନ୍ତ କୌଣସି କର୍ମଚାରୀ ମାନେ ରହିବାତ ଦୂରର କଥା କର୍ମଚାରୀ ମାନଙ୍କ ଦର୍ଶନ ବି ପାଇ ନାହାଁନ୍ତି ଲୋକେ। ଫଳରେ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଜମିଜମା ଠାରୁ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜସ୍ୱ ବିଭାଗର କର୍ମଚାରୀ ମାନେ ଘାଟି ନଚଢ଼ି ଗୋବିନ୍ଦପାଲ୍ଲୀ ଠାରେ ଥିବା ଗୋବିନ୍ଦପାଲ୍ଲୀ ଆର ଆଇ ସର୍କଲ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଜିଲ୍ଲାରେ ଗମନାଗମନର ବହୁ ଅସୁବିଧା ଥିଲା କର୍ମଚାରୀ ମାନେ ଯିବା ଆସିବାର ଅସୁବିଧା ହେଉଥିଲା। ହେଲେ ଏବେ ଜିଲ୍ଲାର ଗମନାଗମନ ଠାରୁ ଆରମ୍ଭ କରି କର୍ମଚାରୀ ମାନଙ୍କ ରହିବା ପାଇଁ ଯାହା ସମସ୍ତ ପ୍ରକାର ଅନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି ସରକାରଙ୍କ ତରଫରୁ କିନ୍ତୁ କର୍ମଚାରୀ ମାନେ ସରକାରଙ୍କ ସମସ୍ତ ପ୍ରକାର ନିୟମକୁ ଫୁ କରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି।ତେବେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କେବେ ଖୋଲା ଯାଉଛି ଏବଂ ଜିଲ୍ଲା ପ୍ରଶାସନ ତରଫରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଉଦୟବଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତ ଉଦୟବଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ମୋହନ ଚରଣ ସାମଲଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅଥିତି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ପରିଚାଳନା କମିଟିର ସଭାପତି କାହ୍ନୁ ଚରଣ ସାମଲ, ପଟୁଣିଆ ସରପଂଚ ବୈଶାଳୀ ରାଉତ, ସମିତିସଭ୍ୟ ଦିପ୍ତୀ ରଂଜନ ସାମଲ ଓ ସୁସାହିତ୍ୟିକ ବାମଦେବ ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଅନନ୍ତ କିଶୋର ପଣ୍ଡା ଅତିଥି ପରିଚୟ, କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରସନ୍ନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିଶୁଙ୍କୁ ଗଢି ତୋଳିବାରେ ଶିକ୍ଷକଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ବହୁ ସମୟ ଘରେ ନ ରହି ବିଦ୍ୟାଳୟରେ ସମୟ କାଟିଥାନ୍ତି । ଶିକ୍ଷା ସହ ଖେଳ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବାର୍ଷକ କ୍ରୀଡା ଉତ୍ସବରେ ସଫଳତା ପାଇଥିବା କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

ଜୟପୁର,(ପି.ଏନ): ପୋଖରୀରେ ବୁଡି ଜନୈକା ମହିଳାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ରାମଗିରି ଥାନା ଅନ୍ତର୍ଗତ ମାଠପଡା ପଂଚାୟତର ଦଳପୁର ନିକଟସ୍ଥ ଝିଲିମିଲିଗୁଡା ଗ୍ରାମର ଅଞ୍ଜଳି ଖିଲ (୩୫)ଙ୍କର ବୁଧବାର ଅପରାହ୍ନରେ ଗ୍ରାମ ପୋଖରୀରେ ବୁଡି ମୃତ୍ୟୁ ହୋଇଯାଇଛି। ମୃତା ଅଞ୍ଜଳିଙ୍କର ସ୍ୱାମୀ ଅର୍ଜୁନ ଖିଲ ସୁଦୂର ଆନ୍ଧ୍ରପ୍ରଦେଶର ଗାଦବାଲି ଠାରେ ରହି କାମ କରୁଥିବା ବେଳେ ଘରେ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଅଞ୍ଜଳି ଦୁଇ ଝିଅ ଓ ପୁଅ ସ୍କୁଲରୁ ଫେରିବା ପରେ ଲୁଗା ସଫା କରିବା ପାଇଁ ପୋଖରୀକୁ ଯାଇଥିଲେ। ପଡ଼ିଆରେ ଖେଳୁଥିବା ବେଳେ ପୁଅ ମାଆଙ୍କ ପାଖକୁ ସାଇକେଲ ଚାବି ମାଗିବା ପାଇଁ ଯାଇ ପୋଖରୀ କୂଳରେ ମାଆକୁ ନଦେଖି ଫେରିଆସି ପାଖ ପଡ଼ୋଶୀଙ୍କୁ ଜଣାଇବାରୁ ଗ୍ରାମବାସୀମାନେ ଅଞ୍ଜଳିଙ୍କୁ ଖୋଜିବା ପାଇଁ ପୋଖରୀ କୂଳରେ ପହଂଚିଥିଲେ। ପୋଖରୀ କୂଳରେ ଲୁଗା ଥୁଆ ହୋଇଥିବା ବେଳେ ଅଞ୍ଜଳିଙ୍କର ଦେଖା ମିଳିନଥିଲା। ବହୁତ ସମୟ ଧରି ଖୋଜାଖୋଜି କରିବା ପରେ ସନ୍ଧ୍ୟା ହେବାରୁ ସମସ୍ତେ ଫେରିଆସିଥିଲେ। ପରଦିନ ଖୋଜାଖୋଜି କରି ମଧ୍ୟ ନପାଇବାରୁ ପୋଖରୀରେ ବୁଡି ଯାଇଥିବା ସନ୍ଦେହ କରି ବୈପାରିଗୁଡା ସ୍ଥିତ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଦଳପୁର ନିକଟସ୍ଥ ଝିଲିମିଲିଗୁଡା ପହଂଚି ପୋଖରୀ ଭିତରେ ଖୋଜିବା ପରେ ଅଞ୍ଜଳିଙ୍କର ମୃତଦେହ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ତେବେ ଏସଂପର୍କରେ ଅର୍ଜୁନଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀମାନେ ଚେଷ୍ଟା କରିଥିଲେ ମଧ ଫୋନ୍ ସୁଇଚ୍ ଅଫ୍ ଯୋଗୁଁ ସୂଚନା ଦେଇପାରିନଥିଲେ। ତେବେ ଅଞ୍ଜଳିଙ୍କ ପରିବାରକୁ ଏସଂପର୍କରେ ଜଣାଇଥିଲେ ଏବଂ ରାମଗିରି ଥାନାରେ ଏତଲା ଦେଇଥିଲେ। ରାମଗିରି ଥାନା ଏଏସଆଇ ବଳରାମ ହିକକା ଘଟଣାସ୍ଥଳରେ ପହଂଚି ଶବ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ କହିଛି।

# ପୁରୀ ସାତପଡ଼ା ରାସ୍ତା ପାଲଟିଛି ମରଣଯନ୍ତା

ପୁରୀ,(ପି.ଏନ): ଲାସ୍ୟମୟୀ ନିଳାମ୍ବୁ ଚିଲିକା ପରିଦର୍ଶନ ପାଇଁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ପୁରୀ ବ୍ରହ୍ମଗିରି ଦେଇ ସାତପଡ଼ା ଯାଉଛନ୍ତି । ପୁରୀ ଠାରୁ ସାତପଡ଼ା ୪୪ କିଲୋମିଟର ଠାରୁ ଅଧିକ ହୋଇଥିବା ବେଳେ ୮୮ରୁ ଅଧିକ ହମ୍ପସ୍ ରହିଛି। ଏହା ସହ ରାସ୍ତା ଅନେକ ସ୍ଥାନରେ ବଙ୍କା ରହିଥିବାରୁ ରାସ୍ତା ଉପରେ ଗାଇଗୋରୁ ଶୋଇ ରହିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି । କେତେକ ଗାଡ଼ି ଚାଳକ ବେପାରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି । ମଙ୍ଗଳାହାଟ ଛକ, କୋଇଲା ଅଡ଼ା ଛକ,ଗୋରୁଅ, ଗୋରୁଆଳ, ଜଗନ୍ନାଥ ରୋଡ଼ ଛକ, ବୁଢାବର, ହଳଦିଆ, ରେଣ୍ଡା, ରେବେଣା ନୂଆ ଗାଁ, କେରାଣ୍ଡିଆ,କାଠୁଆରେଡ଼ି,ବ୍ଲକ ଛକ, କଲେଜ ଛକ, ସିନେମା ହଲ ଛକ, ବ୍ରହ୍ମଗିରି ବଜାର, ଆଣ୍ଡିଆଳି, ସୁନାମୁହିଁ, ଯଦୁପୁରୁ ଓ ସାତପଡ଼ା ଛକରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ଜାତୀୟ ରାଜପଥ ହୋଇଥିଲେ ମଧ ରାସ୍ତାର ମରାମତି ଠିକ୍ ସମୟରେ କରାଯାଉନଥିବାରୁ ଅନେକ ସ୍ଥାନରେ ପିଚୁ ଉଡ଼ି ଗଲାଣି । ପ୍ରତିଦିନ ଏହି ରାସ୍ତାରେ ଟୁରିଷ୍ଟ ବସ, ରେଗୁଲାର ବସ,କାର,ଅଟୋ ଓ ବାଇକ ଯାତାୟାତ କରୁଛି ।

# ବିପୁଳ ପରିମାଣର ବ୍ରାଉନସୁଗାର ଓ ଗଞ୍ଜେଇ ନଷ୍ଟ

ଖୋର୍ଦ୍ଧା, (ପି.ଏନ): ଆଇଜି ଜେ.ଏନ ପଙ୍କଜ, କ୍ରାଇମବ୍ରାଂଚ ଏସପି କଟକ, ଏସଟିଏଫ ଭୁବନେଶ୍ୱର ଏସପି, ଖୋର୍ଦ୍ଧା ଡେପୁଟି କଲେକ୍ଟର, ଖୋର୍ଦ୍ଧା ଜିଲ୍ଲା ଅବକାରି ଅଧିକ୍ଷକ, ଏସଟିଏଫ ଡ଼ିଏସପିଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ ଡ୍ରଗ୍ ଡ଼ିସପୋଜାଲ କମିଟିର ନିଷ୍ପତିକ୍ରମେ ରାଜ୍ୟ ଫରେନସିକ ସାଇନ୍ସର ଅଧିକାରୀଙ୍କ ସମେତ ରାଜ୍ୟ ପ୍ରଦୂଷଣ ବୋର୍ଡର ସଭ୍ୟଙ୍କ ଉପସ୍ଥିତିରେ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାରେ ଏସଟିଏଫ ପକ୍ଷରୁ ଦୁଇଟି ମାମଲାରେ ଜବତ ହୋଇଥିବା ମୋଟ ୧ କେଜି ୪୨ ଗ୍ରାମ ବ୍ରାଉନସୁଗାର ଓ ୫୨୫୭ କେଜି ଗଞ୍ଜେଇକୁ ଖୋର୍ଦ୍ଧା ଟାଙ୍ଗିଆପଡ଼ା ସ୍ଥିତ ସାନି କ୍ଲିନ କମ୍ପାନୀ ଭାଟିରେ ନଷ୍ଟ କରାଯାଇଛି।


ଭୂବନେଶ୍ୱରର ପଲାସପଲ୍ଲୀସ୍ଥିତ ଓଡିଶା ଆସୋସିସେନ୍ ଅଫ୍ ଡିଫ୍ ପକ୍ଷରୁ ଶ୍ରବଣବାଧିତ ପିଲମାନଙ୍କ ଗହଣରେ ଆସୋସିଏସନ୍‌ର କର୍ମୀମାନେ ମହା ଆଡମ୍ବରରେ ସରସ୍ୱତୀପୂଜା ପାଳନ କରିଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Sunday January 29, 2023 ଭୁବନେଶ୍ୱର ରବିବାର, ଜାନୁଆରୀ ୨୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିମ୍ସରେ କଙ୍ଗାରୁ ମଦର କେୟାର (କେଏମ୍‌ସି) କର୍ମଶାଳା



ଭୁବନେଶ୍ୱର, (ପି.ଏନ): ଓଡ଼ିଶାରେ ନବଜାତ ଶିଶୁ ମୃତ୍ୟୁହାର କମ କରିବା ଲକ୍ଷ୍ୟ ନେଇ ମା ଓ ଛୁଆ ମଧ୍ୟରେ ସ୍କିନ୍ ଟୁ ସ୍କିନ୍ କଣ୍ଟାକ୍ଟ ଭାବେ ଜଣାଶୁଣା କଙ୍ଗାରୁ ମଦର କେୟାର (କେଏମ୍‌ସି) ମାଧ୍ୟମରେ କମ୍ ଓଜନ ଓ ଅପରିପକ୍ୱ ଶିଶୁମାନଙ୍କର ପାରମ୍ପରିକ ପଦ୍ଧତିରେ କିପରି ଯତ୍ନ ନିଆଯିବ ସେ ନେଇ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେନ୍ (କିମ୍‌ସ)ରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ୟୁନିସେଫ ଏବଂ ନିପିର ସହାୟତାରେ ଓଡ଼ିଶା ନବଜାତ ଶିଶୁ ବିଶେଷଜ୍ଞ ସଂଘ ତରଫରୁ ଏକ ଜାତୀୟ ସମ୍ମିଳନୀ ଜାନୁଆରୀ ୧୯ରୁ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଏମ୍‌ସଠାରେ ଏହାର ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀର ଅନ୍ତିମ କର୍ମଶାଳା ୨୩ ଓ ୨୪ ତାରିଖ ଦୁଇଦିନ ବ୍ୟାପୀ କିମ୍‌ସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ପ୍ରଫେସର, ଡାକ୍ତର, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଛାତ୍ରଛାତ୍ରୀ ଓ ସେବିକାମାନେ ଅଂଶ ଗ୍ରହଣ କରିଥିଲେ। ନବଜାତକ ଶିଶୁର ଦେଖାଶୁଣା କରିବା ପାଇଁ କେଉଁ ଦିଗ ପ୍ରତି ଧ୍ୟାନ ଦେବାକୁ ହୁଏ, କଙ୍ଗାରୁ ପଦ୍ଧତି ଓ ଏହାର ସୁଫଳ, ନବଜାତକ ଶିଶୁଙ୍କୁ ସଂକ୍ରମଣରୁ କିପରି ବଞ୍ଚାଯାଇପାରିବ ସେ ବିଷୟରେ ବିଶେଷଜ୍ଞମାନେ ତାଲିମ ଦେଇଥିଲେ। କିମ୍‌ସରେ ଅନୁଷ୍ଠିତ ଏହି କର୍ମଶାଳାକୁ କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନାଡା ନବଜାତ ଶିଶୁ ବିଶେଷଜ୍ଞ ସଂଘ କର୍ମକର୍ତ୍ତା ପ୍ରଫେସର ମୋହିନୀ ସିଂଘାଲ, କେଏମସି ଫାଉଣ୍ଡେସନ୍ ମେନେଜିଂ ଟ୍ରଷ୍ଟି ପ୍ରଫେସର ଶଶୀବାଣି, ଏନ୍‌ଏଚ୍‌ଏମ୍ ନୋଡାଲ ଅଫିସର ପ୍ରଫେସର ଶ୍ୟାମା କାନୁନ୍‌ଗୋ, ଏନ୍‌ଏଚ୍‌ଏମ୍ ଓଡ଼ିଶା କନ୍‌ସଲଟାଣ୍ଟ ଡା. ଆଦିତ୍ୟ ମହାପାତ୍ର, କିମ୍‌ସ ନିଓନାଟୋଲୋଜିଷ୍ଟ ଡା. ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଗୁଜୁରାଟରୁ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ମଧ୍ୟ ଯୋଗ ଦେଇଥିଲେ। ଜଣେ ନବଜାତକ ଶିଶୁର ସୁସ୍ଥ ଜୀବନ ଜୀଇଁବା ପାଇଁ କେଏମ୍‌ସିର ବହୁ ଗୁରୁତ୍ୱ ରହିଛି। ସମସ୍ତ ଏସ୍‌ସିୟୁ ସହ କେଏମସିକୁ ଯୋଡ଼ା ଯାଇପାରିଲେ ନବଜାତକ ଶିଶୁ ମୃତ୍ୟୁହାର ହ୍ରାସ କରାଯାଇପାରିବ ବୋଲି ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଇଥିଲେ।

## ଗାନ୍ଧୀ ସ୍ମୃତି ପୀଠରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): ୭୪ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଗରାପୁରସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା। ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ସ୍ମୃତି ପରିଷଦ ଆବାହକ ରାଜେଶ ପଣ୍ଡା, ଲୋହିତ ମହାନ୍ତି, ଗାୟତ୍ରୀ ମହାନ୍ତି, ଆଲୋକ ସାହୁ, ସୁମିତ୍ରା ପାଢୀ, ସ୍ୱୟଂପ୍ରଭା କର, ନରୋତ୍ତମ ମଳିକ ପ୍ରମୁଖ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱାଧୀନତାସଂଗ୍ରାମୀ ବରପୁତ୍ରମାନଙ୍କ ସ୍ମୃତିଚାରଣ ସହ ଦେଶ ଗଠନରେ ସମସ୍ତେ ବ୍ରତୀ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ କବି, ସାହିତ୍ୟିକ ତଥା ରାଜନେତା ହୁସେନ ରବି ଗାନ୍ଧୀଙ୍କର ଆଜି ମଧ୍ୟାହ୍ନରେ ପରଲୋକ ହୋଇଛି। ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ସେ ୨୦୦୫ ରୁ ୨୦୦୮ ଯାଏ ଉପସଭାପତି ଓ ୨୦୦୮ ରୁ ୨୦୦୯ ଯାଏ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ହୁସେନ ୧୯୪୮ ମସିହା ଏପ୍ରିଲ ୨୩ ତାରିଖରେ ଯାଜପୁର ଜିଲ୍ଲାର ହାଲଡିଗଡିଆ ଗାଁର ମୁଫତିବାଗରେ ତାରାକୋଟର ଶାସକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ୧୩ଟି ପୁସ୍ତକର ରଚୟିତା। ଏଥିମଧ୍ୟରେ ମୁକ୍ତ ପୂର୍ବାସା, ସିଂହାସନ ଭାଙ୍ଗିବାର କାର୍ଯ୍ୟକ୍ରମ ଓ ଆଜିର ଗଳ୍ପ ଓ ଗଳ୍ପ ସମ୍ଭାର ଆଦି ବେଶ୍ ଚର୍ଚ୍ଚିତ। ସେ ଗଙ୍ଗାଧର ମେହେର କବିତା ସମ୍ମାନ ପାଇବା ସହିତ ଅନ୍ୟାନ୍ୟ ସାରସ୍ୱତ ଅନୁଷ୍ଠାନମାନଙ୍କରୁ ମଧ୍ୟ ସମ୍ମାନିତ ହୋଇଥିଲେ। ଛାତ୍ର ଜୀବନରୁ ହୁସେନ ରବି ଗାନ୍ଧୀ ରାଜନୀତିରେ ସକ୍ରିୟ ଥିଲେ। ହୁସେନ ରବି ଗାନ୍ଧୀଙ୍କ ବିୟୋଗ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ଗଭୀର ଭାବେ ମର୍ମାହତ। ଏପରି ଦୁଃଖଦ ଅବସରରେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଉପ-ସଭାପତି ଡକ୍ଟର ସଂଗ୍ରାମ ଜେନା, ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ରଞ୍ଜନ କୁମାର ଦାସ, ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଓ ଏକାଡେମୀ କର୍ମଚାରୀ ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଅଛନ୍ତି।

## ତିନି ଜଣ ଗଞ୍ଜେଇ ମାଫିଆଙ୍କୁ ପଳାତକ ଘୋଷଣା

ମାଲକାନଗିରି ,(ପି.ଏନ): ତିନି ଜଣ ଫେରାର ଗଞ୍ଜେଇ ମାଫିଆ ଅଭିଯୁକ୍ତଙ୍କୁ ପଳାତକ ଘୋଷଣା କରାଯାଇଛି । ସେମାନେ ଅଦାଲତ ରେ ହାଜର ନ ହେଲେ ସମାନଙ୍କ ସମ୍ପତି ବ୍ୟାଜପ୍ତି କରାଯିବ ବୋଲି ମାଲକାନଗିରି ଥାନା ପୋଲିସ ସେମାନଙ୍କ ଘରେ ନୋଟିସ ଲଗାଇଛି। ମାଲକାନଗିରି ଥାନା ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତ ନିକଟସ୍ଥ ଏମଭି-୮୩ ଗ୍ରାମର ତିନିଜଣ ଗଞ୍ଜେଇ ବେପାରୀ ନିତାଇ ମଣ୍ଡଳ, ଅଶୋକ ମହାରି, ମହିନ୍ଦ୍ର ବାସୁ ଦୀର୍ଘବର୍ଷ ଧରି ଫେରାର ଥିବାରୁ ସେମାନଙ୍କ ନାମରେ ଜିଲ୍ଲା ଅଦାଲତ ପକ୍ଷରୁ ଜାମିନ ବିହିନ ପରୱାନା ଜାରି କରିଥିଲା । ଦୀର୍ଘ ବର୍ଷ ଧରି ଅଦାଲତର ନିର୍ଦ୍ଦେଶକୁ ଅବମାନନା କରି ଫେରାର ଥିବାରୁ ଅଦାଲତଙ୍କ ନିର୍ଦ୍ଦେଶ କ୍ରମରେ ମାଲକାନଗିରି ଥାନା ଅଧିକାରୀ ରିଗନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ସେମାନଙ୍କ ଗ୍ରାମରେ ଡ଼ାକବାଜି ଯନ୍ତ୍ର ଓ ଢେଙ୍ଗୁରା ବଜାଇ ସେ ତିନିଜଣଙ୍କୁ ପଳାତକ ଘୋଷଣା କରାଯାଇଛି । ତୁରନ୍ତ ଅଦାଲତରେ ହାଜର ନହେଲେ ସେମାନଙ୍କ ସ୍ଥାବର ଅସ୍ଥାବର ସମ୍ପତିକୁ ବାଜ୍ୟାପ୍ତି କରିଯିବ ବୋଲି ସେମାନଙ୍କ ଘର କାନ୍ଥରେ ନୋଟିସ ଲଗାଯାଇଛି ।

## ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ କେନ୍ଦ୍ରାପଡା ଗସ୍ତ




କେନ୍ଦ୍ରାପଡ଼ା,(ପି.ଏନ): ଭୁବନେଶ୍ୱର ଲୋକସଭା ସାଂସଦ ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଶନିବାର ଏକ ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀମତୀ ଷଡଙ୍ଗୀଙ୍କୁ ତିନିମୁହାଣି ଛକରେ ପୁଷ୍ପଗୁଚ୍ଛ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେଠାରୁ ଏକ ବାଇକ ରାଲିରେ ଶ୍ରୀମତୀ ଷଡଙ୍ଗୀଙ୍କୁ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଫାଛୋଟି ନିଆଯାଇଥିଲା। ଶ୍ରୀଜୀଉଙ୍କ ଦର୍ଶନ ପରେ ଶ୍ରୀମତୀ ଷଡଙ୍ଗୀ ଇଛାପୁର ଠାରେ ଏକ ବେସରକାରୀ ମଣ୍ଡପରେ କିଛି ସମୟ ବିଶ୍ରାମ ନେବା ପରେ ସେଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାର କେନ୍ଦ୍ରାପଡା ପ୍ରତି ଆବଶ୍ୟକ ଧ୍ୟାନ ଦେଇନଥିବା ଅଭିଯୋଗ କରିଥିଲେ। କେନ୍ଦ୍ରାପଡାର ଭିତରକନିକା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥାନ୍ତା। କିନ୍ତୁ ଭିତରକନିକା ଜାତୀୟ ଉଦ୍ୟାନକୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ରାଜ୍ୟ ସରକାର ଯେଉଁଭଳି ପଦକ୍ଷେପ ନେବା କଥା ତାହା ନେଇ ନାହାନ୍ତି। ଯାହାଦ୍ୱାରା ହଜାର ହଜାର ବେରୋଜଗାର ଯୁବକ ଓ ଯୁବତୀମାନେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ରାପଡାର ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଦିଗରେ ରାଜ୍ୟ ସରକାରଙ୍କ ତତ୍ପରତା ବା ଆନ୍ତରିକତା ନାହିଁ। ରାଜ୍ୟ ସରକାରଙ୍କ ତତ୍ପରତା ଥିଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ହୋଇପାରିଥାନ୍ତା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନବୀକରଣ ହୋଇଥିଲେବି ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ଓ ଯନ୍ତ୍ରପାତିର ଅଭାବ ରହିଛି। ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୃହରେ ଏକ ସିଟି ହସପିଟାଲ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। କେନ୍ଦ୍ରାପଡା ଜିଲ୍ଲା ଦେଇ ପାରାଦୀପକୁ ଯାଇଥିବା ୫ନମ୍ବର(କ) ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଟ୍ରକ ଯାଉଥିବା ବେଳେ ପାରାଦୀପ ପୋର୍ଟ ଏବଂ ସେଠାରେ ଥିବା ସମସ୍ତ କଳକାରାଖାନା ଗୁଡିକ ସେମାନଙ୍କର ସି.ଏସ.ଆର. ପାଣ୍ଠି କେନ୍ଦ୍ରାପଡା ପାଇଁ ବିନିଯୋଗ କରିବା କଥା। ସି.ଏସ. ଆର. ପାଣ୍ଠି ଏଠାରେ ବିନିଯୋଗ ହେଲେ ଏଠାରେ ବହୁତ କିଛି କାମ ହୋଇପାରନ୍ତା। ରାଜ୍ୟ ସରକାରଙ୍କ ତତ୍ପରତା ଅଭାବରୁ ତାହା ହୋଇପାରୁନି। କେନ୍ଦ୍ରାପଡା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାରେ ୬୫ପ୍ରତିଶତ ଜମିରେ ଜଳସେଚନ ବ୍ୟବସ୍ଥା ନାହିଁ। ଶ୍ରୀବଳଦେବଜୀଉଙ୍କ ମନ୍ଦିର ଏବଂ ତା'ର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପାଇଁ ୧୨କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ରାଜ୍ୟ ସରକାର କହୁଥିବା ବେଳେ ଏଠାରେ ମାତ୍ର ୨କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ଅଭିଯୋଗ କରିଥିଲେ।

## ଅଷ୍ଟପ୍ରହର ନାମ ଯଜ୍ଞ ମହାସମାରୋହରେ ପାଳିତ



ଚଣ୍ଡିଖୋଲ, (ପି.ଏନ):ଚଣ୍ଡିଖୋଲ ସନ୍ନିକଟ ସୁନ୍ଦରିଆ ଗ୍ରାମର ଶରତ କୁମାର ଦାସଙ୍କ ବାସଭବନ ପରିସରରେ ଦୀର୍ଘ ୨୨ ବର୍ଷ ଧରି ଅଷ୍ଟପ୍ରହର ନାମ ଯଜ୍ଞ ପାଳିତ ହୋଇ ଆସୁଅଛି। ଚଳିତ ମାସ ଶ୍ରିପଂଚମୀ ତିଥି ଦିନ ରାତ୍ର ସମୟରେ ଅଷ୍ଟପ୍ରହରର କର୍ତା ସ୍ୱରୂପ କୁମାର ଦାସ, ଶରତ କୁମାର ଦାସ, ସ୍ୱାଧିନ କୁମାର ଦାସ ସମେତ ସଂକୀର୍ତନ ମଣ୍ଡଳି ଓ ବ୍ରାହ୍ମଣଙ୍କୁ ସାଥୀରେ ନେଇ ଠେଙ୍ଗିଆ ମଠ ପାଦଦେଶରେ ଥିବା ଝରଣା ପାଖରେ ପହଂଚି କଳସ ପୁଜା କରି କଳସରେ ପୁର୍ଣ୍ଣ ଜଳ ନେଇ ଅଷ୍ଟପ୍ରହରୀ ନିକଟରେ ପହଂଚି କଳସ ସ୍ଥାପନ କରାଯାଇଥିଲା। ଗତକାଲି ପ୍ରାତଃ ସମୟରେ ସୁନ୍ଦରିଆ ଗ୍ରାମର ସଂକୀର୍ତଣ ମଣ୍ଡଳି ସେଠାରେ ପହଂଚି ସଂକୀର୍ତନ କରିଥିଲେ। ସନ୍ଧ୍ୟା ସମୟରେ ସେଠାରେ ସାଧୁମାନେ ପହଂଚି ଅଷ୍ଟପ୍ରହରୀ ପୀଠରେ ସ୍ଥାପିତ ହୋଇଥିବା ରାଧାକୃଷ୍ଣ, ମର୍ଯ୍ୟଦା ପୁରୁଷ ଶ୍ରୀରାମ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜା କରି ଆଳତୀ ଦେବା ପରେ ସଂକୀର୍ତନ ଆରମ୍ଭ ହୋଇଥିଲା। ସେଠାରେ ୧୦ ଗୋଟି ସଂକୀର୍ତନ ମଣ୍ଡଳି ଯୋଗ ଦେଇଥିଲେ। ରାତ୍ର ଶେଷ ପ୍ରହର ପର୍ଯ୍ୟନ୍ତ ସଂକୀର୍ତନ ହେବା ପରେ ଆଜି ନଗର କୀର୍ତନ କରାଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ପ୍ରଭୁ ଶ୍ରୀଚତନ୍ୟ ଓଡିଶାକୁ ଆସି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣାପନ୍ ହେବା ପରେ ସେ ସମାଜକୁ ସୁନ୍ଦରଭାବେ ଗଠନ କରିବା ପାଇଁ ଏହି ସଂକୀର୍ତନର ବାର୍ତା ସମସ୍ତେ ଗ୍ରହଣ କରିବା ପାଇଁ ଏକ ଚେତନ ସୃଷ୍ଟି କରିଥିଲେ। ପ୍ରଭୁଙ୍କ ଉଦ୍ଦେଶ୍ୱରେ ଏହି ସଂକୀର୍ତଣ କରିପାରିଲେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିବା ପାଇଁ ଓ ପ୍ରଭୁଙ୍କ ପାଇବାକୁ ହେଲେ ତାଙ୍କ ନାମ ଧରି ସଂକୀର୍ତନ କଲେ ଆମେ ପ୍ରଭୁଙ୍କୁ ପାଇପାରିବା। ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ପରମବ୍ରହ୍ମ, ତାଙ୍କର କଥାକୁ ଓ ତାଙ୍କ ଚେତନାକୁ ସମସ୍ତେ ପ୍ରସାର କରିପାରିଲେ ଓ ଆମେ ନିଜକୁ ସମର୍ପଣ କରିପାରିବା ତାହେଲେ ଆମେ ସମସ୍ତେ ଧନ୍ୟ ହୋଇପାରିବା ବୋଲି ପ୍ରଭୁ ଶ୍ରୀଚୈତନ୍ୟ ଏକ ଚେତନା ଦେଇ ଆସିଥିଲେ। ଅଷ୍ଟ୍ରହର ନାମ ଯଜ୍ଞରେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଯୋଗ ଦେଇ ପ୍ରଭୁଙ୍କର ଆର୍ଶୀବାଦ ଭିକ୍ଷା କରିଥିଲେ। ଶ୍ରିମତୀ କଲ୍ୟାଣି ଦାସ, ସ୍ୱାଗତ ଦାସ, ଶ୍ରିମତୀ ବୀଣାପାଣି ନାଟିଆ, ସମ୍ବିତ ଦାସ, ସ୍ୱତିକି ଦାସ, ଶ୍ରୀମତୀ କିରଣ ଦାସ ପ୍ରମୁଖ ସଂପୂର୍ଣ୍ଣ ସହ ଯୋଗ କରି ଅଷ୍ଟପ୍ରହର ନାମ ଯଜ୍ଞକୁ କାର୍ଯ୍ୟକୁ ମୁଖରିତ କରିଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray